# ସତ୍ୟବାଣୀ

(THE VOICE OF TRUTH)

**SEPTEMBER - OCTOBER**

**2003**

*An Oriya Bimonthly Bulletin Published By the Church of Christ*



# THE VOICE OF TRUTH

Edited & Published By
*Joshua & Kabita Gootam*

**CHURCH OF CHRIST**
P.O. BOX.NO.80, KAKINADA,
A.P. - 533 001.
PH: 0884-2363722

**Vol. 8. SEPTEMBER - OCTOBER 2003 (No. 5)**

**Published every two months in Oriya Language for the Restoration of pure New Testament Christianity**

Watch *SATYA VANI* on Teja Channel Every Saturday at 6:30 a.m. inTelugu Language.

Speaker : JOSHUA GOOTAM

Write for free Bible Correspondence Course in Telugu & Oriya to :

THE DIRECTOR
**BIBLE CORRESPONDENCE COURSE**
P.O. BOX.NO.80, KAKINADA - 533 001.

# ସତ୍ୟବାଣୀ

# VOICE OF TRUTH

VOL - VIII KAKINADA SEP.-OCT.


## ପ୍ରତିଜ୍ଞାତ ଈଶ୍ୱରଙ୍କ ରାଜ୍ୟ କଦାପି ବିନଷ୍ଟ ହେବ ନାହିଁ

### (The promised Kingdom (Church) would never be destroyed)

ସଦାପ୍ରଭୁଙ୍କ ସ୍ଥାପିତ ରାଜ୍ୟ ଅବିନାଶ ଅର୍ଥାତ୍ ଅନନ୍ତକାଳ ସ୍ଥାୟୀ ବୋଲି ଭାବବାଦୀ ଦାନିୟେଲ ଭବିଷ୍ୟଦ୍‌ବାଣୀ ପ୍ରକଟ କରିଥିଲେ । (ଦାନିୟେଲ ୨:୪୪) । ଈଶ୍ୱରଙ୍କ ରାଜ୍ୟ କେବେ ଏବଂ କେଉଁଠାରେ ସ୍ଥାପିତ ହେବ ଯିଶାଇୟ ଓ ଯୋୟେଲ ଭାବବାଦୀ ପୁସ୍ତକରେ ପଢ଼ିପାରୁ । (ଯିଶାଇୟ ୨:୨,୩, ଯୋୟେଲ ୨:୨୮,୨୯)

'' ......ସ୍ୱର୍ଗରାଜ୍ୟ ସନ୍ନିକଟ ।'' (ମାଥିଉ ୩:୧,୨) ଏହି ବାକ୍ୟ ଦ୍ୱାରା ବାପ୍ତିଜକ ଯୋହନ ଆପଣା ସୁସମାଚାର ସେବା ଆରମ୍ଭ କରିଥିଲେ । ଯୀଶୁଖ୍ରୀଷ୍ଟଙ୍କ ସହିତ ସଞ୍ଚାର କରୁଥିବା କେତେକ ବ୍ୟକ୍ତିମାନଙ୍କ ମୃତ୍ୟୁପୂର୍ବେ ଈଶ୍ୱରଙ୍କ ରାଜ୍ୟ ଶକ୍ତି ସହ ସ୍ଥାପିତ ହେବ ବୋଲି ଖ୍ରୀଷ୍ଟ ସେମାନଙ୍କ ନିକଟରେ ପ୍ରତିଜ୍ଞା କରିଥିଲେ । ମାଥିଉ ୬:୧୦ ପଦରେ ଯୀଶୁଖ୍ରୀଷ୍ଟ ସ୍ୱର୍ଗରାଜ୍ୟର ସ୍ଥାପନା ନିମନ୍ତେ ପ୍ରାର୍ଥନା କରିବା ନିମନ୍ତେ ଶିକ୍ଷା ଦେଇଥିଲେ ।

ଶିଷ୍ୟମାନେ ଯୀଶୁଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ରରୂପେ ସ୍ୱୀକାର କରିବା ପରେ ଯୀଶୁ କହିଲେ ସେହି ସତ୍ୟତାର ପଥର ଉପରେ ସେ ମଣ୍ଡଳୀ ତୋଳିବେ । (ମାଥିଉ ୧୬:୧୮,୧୯) । କିଛି ବର୍ଷ ପରେ ଏବ୍ରୀ ପୁସ୍ତକ କର୍ତ୍ତା କହନ୍ତି, ''.............ଅଟଳ ରାଜ୍ୟପ୍ରାପ୍ତ ହେବାରୁ........'' (ଏବ୍ରୀ ୧୨:୨୮) ଅର୍ଥାତ୍ ସେ ସମୟରେ ଅଟଳ ରାଜ୍ୟ ସ୍ଥାପିତ ହୋଇସାରିଥିଲା । ପୁନଃର୍ବାର ପାଉଲଙ୍କ ଲେଖନୀରୁ ଈଶ୍ୱର ଆମ୍ଭମାନଙ୍କୁ ଅନ୍ଧକାରର କ୍ଷମତାରୁ ଉଦ୍ଧାର କରି ଆପଣା ପ୍ରିୟପୁତ୍ରଙ୍କ ରାଜ୍ୟ ମଧ୍ୟକୁ ସ୍ଥାନାନ୍ତର କରିଅଛନ୍ତି ବୋଲି ଜାଣିପାରୁ । (କଲସୀ ୧:୧୩,୧୪)

## ଈଶ୍ୱରଙ୍କ ରାଜ୍ୟ ବା ମଣ୍ଡଳୀ କେବେ ସ୍ଥାପିତ ହୋଇଥିଲା ?

ଖ୍ରୀଷ୍ଟଙ୍କ ମୃତ୍ୟୁ, ସମାଧି ଓ ପୁନଃରୁତ୍ଥାନ ପରେ ଈଶ୍ୱରଙ୍କ ରାଜ୍ୟରୂପ ମଣ୍ଡଳୀ ସ୍ଥାପିତ ହୋଇଥିଲା । ମୃତ୍ୟୁରୁ ପୁନଃରୁତ୍ଥିତ ହେବା ପରେ ଯୀଶୁ ଆପଣା ଶିଷ୍ୟମାନଙ୍କୁ ଦର୍ଶନ ଦେଇ କହିଲେ, "......ଏହି ପ୍ରକାରେ ଲେଖାଅଛି, ଖ୍ରୀଷ୍ଟ ଦୁଃଖଭୋଗ କରିବେ ଓ ତୃତୀୟ ଦିନରେ ମୃତମାନଙ୍କ ମଧ୍ୟରୁ ପୁନଃରୁତ୍ଥାନ କରିବେ । ପୁଣି ଯିରୁଶାଲମରୁ ଆରମ୍ଭ କରି ସମସ୍ତ ଜାତିଙ୍କ ନିକଟରେ ତାହାଙ୍କ ନାମରେ ପାପକ୍ଷମା ନିମନ୍ତେ ମନ ପରିବର୍ତ୍ତନର ପ୍ରସଙ୍ଗ ଘୋଷଣା କରାଯିବ । ତୁମ୍ଭେମାନେ ଏହି ସମସ୍ତ ବିଷୟର ସାକ୍ଷୀ ଅଟ । ଆଉ ଦେଖ, ମୋହର ପିତା ଯାହା ପ୍ରତିଜ୍ଞା କରିଅଛନ୍ତି, ତାହା ମୁଁ ତୁମ୍ଭମାନଙ୍କ ନିକଟକୁ ପଠାଉଅଛି, କିନ୍ତୁ ଉର୍ଦ୍ଧ୍ୱରୁ ଶକ୍ତିପ୍ରାପ୍ତ ନହେବା ପର୍ଯ୍ୟନ୍ତ ତୁମ୍ଭେମାନେ ଏହି ନଗରରେ ଥାଅ ।" (ଲୂକ ୨୪:୪୬-୪୯)

ପ୍ରଭୁ ଯୀଶୁଖ୍ରୀଷ୍ଟ ସ୍ୱର୍ଗାରୋହଣ କରିବା ପୂର୍ବେ, ଜୀତ ପର୍ବତ ଉପରେ ଶିଷ୍ୟମାନଙ୍କୁ କହିଲେ, "ପବିତ୍ର ଆତ୍ମା ତୁମ୍ଭମାନଙ୍କ ଉପରେ ଅବତୀର୍ଣ୍ଣ ହୁଅନ୍ତେ, ତୁମ୍ଭେମାନେ ଶକ୍ତିପ୍ରାପ୍ତ ହେବ, ଆଉ ଯିରୁଶାଲମ, ସମସ୍ତ ଯିହୂଦା ପ୍ରଦେଶ ଓ ଶମିରୋଣ, ପୁଣି ପୃଥିବୀର ପ୍ରାନ୍ତ ପର୍ଯ୍ୟନ୍ତ ସୁଦ୍ଧା ମୋହର ସାକ୍ଷୀ ହେବ ।" (ପ୍ରେରିତ ୧:୮)

ଈଶ୍ୱରଙ୍କ ରାଜ୍ୟର ସ୍ଥାପନ ବିଷୟକ ଭାବବାଣୀ ଗୁଡ଼ିକ ପ୍ରେରିତ ଦ୍ୱିତୀୟ ଅଧ୍ୟାୟରେ ସଫଳ ହୋଇଅଛି । କାରଣ ସେଦିନ ଖ୍ରୀଷ୍ଟଙ୍କ ପୁନଃରୁତ୍ଥାନ ପରର ପ୍ରଥମ ପେଣ୍ଟିକଷ୍ଟ ଦିନ ଥିଲା ଏବଂ ପୃଥିବୀରେ ଛିନ୍ନଭିନ୍ନ ହୋଇଥିବା ଯିହୂଦୀମାନେ ସେଠାରେ ଏକତ୍ରିତ ଥିଲେ । ସେହିଦିନରେ ମଣ୍ଡଳୀର ଜନ୍ମ ହେଲା ଏବଂ ପ୍ରଥମ ସୁସମାଚାର ପ୍ରଚାରିତ ହେଲା । ଖ୍ରୀଷ୍ଟଙ୍କ ସୁସମାଚାର ଯିରୁଶାଲମରୁ ସମଗ୍ର ପୃଥିବୀରେ ପରିବ୍ୟାପ୍ତ ହେଲା ।

ପେଣ୍ଟିକଷ୍ଟ ଦିନରେ ଯିରୁଶାଲମରେ ବହୁ ଜନତା ଏକତ୍ରିତ ହୋଇଥିଲେ । ପ୍ରେରିତମାନଙ୍କ ଉପରେ ସେଦିନ ପବିତ୍ର ଆତ୍ମା ଅବତରଣ କରିଥିଲେ । ପବିତ୍ର ଆତ୍ମାଙ୍କ ସାହାଯ୍ୟରେ ସମାନେ ପରଭାଷାରେ କଥା କହିବାକୁ ଲାଗିଲେ । ସେଠାରେ ଉପସ୍ଥିତ ଜନତାକୁ ଖ୍ରୀଷ୍ଟଙ୍କ ସୁସମାଚାର ପିତର ପ୍ରଚାର କରିବା ପ୍ରତିଫଳେ, ସେମାନେ ପରିତ୍ରାଣ ପାଇବା ନିମନ୍ତେ କଅଣ କରିବା ଆବଶ୍ୟକ ଜାଣିବାକୁ ଚାହିଁଲେ । (ପ୍ରେରିତ ୨:୩୭) ପିତର ସେମାନଙ୍କୁ କହିଲେ, "......ଆପଣମାନେ ମନ ପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉଅନ୍ତୁ, ତାହା ହେଲେ ଆପଣମାନେ ପବିତ୍ର ଆତ୍ମାଙ୍କର ଦାନ ପ୍ରାପ୍ତ ହେବେ ।" (ପ୍ରେରିତ ୨:୩୮) ଆନନ୍ଦରେ ତାହାଙ୍କ ବାକ୍ୟ ସେଦିନ ବାପ୍ତିଜିତ ହୋଇଥିଲେ । (୨:୪୧) "......ପ୍ରଭୁ ପରିତ୍ରାଣ ପ୍ରାପ୍ତ ହେଉଥିବା

ଲୋକଙ୍କୁ ପ୍ରତିଦିନ ମଣ୍ଡଳୀ ସହିତ ସଂଯୁକ୍ତ କରିବାକୁ ଲାଗିଲେ ।'' (ପ୍ରେରିତ ୨:୪୭)

ଅତଏବ ମଣ୍ଡଳୀ କିଅବା ଈଶ୍ୱରଙ୍କ ରାଜ୍ୟ ଖ୍ରୀଷ୍ଟଙ୍କ ପୁନଃରୁଥାନର ପ୍ରଥମ ପେଣ୍ଟିକଷ୍ଟ ଦିନରେ (ଯାହାକି ସପ୍ତାହର ପ୍ରଥମ ଦିନ ଥିଲା) ସ୍ଥାପିତ ହୋଇଥିଲା । ଖ୍ରୀ.ଜ. ୩୩ ମସିହାରେ ସ୍ଥାପିତ ସେହି ମଣ୍ଡଳୀ ଏବେ ପର୍ଯ୍ୟନ୍ତ ଅସ୍ତିତ୍ୱରେ ଅଛି । ଯୀଶୁଙ୍କ ଜନ୍ମ ସମୟରେ ଗାବ୍ରୀଏଲ ଦୂତ କନ୍ୟା ମରିୟମଙ୍କୁ କହିଥିଲେ, ''ସେ ଯାକୁବ ବଂଶ ଉପରେ ଯୁଗେ ଯୁଗେ ରାଜତ୍ୱ କରିବେ, ପୁଣି ତାହାଙ୍କ ରାଜ୍ୟର ଶେଷ ହେବ ନାହିଁ ।'' (ଲୂକ ୧:୩୩) ନୂତନ ନିୟମର ପୃଷ୍ଠାଗୁଡ଼ିକରେ ଏହି ଅବିନାଶ ରାଜ୍ୟ ବିଷୟରେ ବିପୁଳଭାବେ ଜାଣିପାରୁ ।

ଅନେକ ଖ୍ରୀଷ୍ଟିୟାନ ତଥା ସ୍ଥାନୀୟ ମଣ୍ଡଳୀଗୁଡ଼ିକ ବିଶ୍ୱାସ ଭ୍ରଷ୍ଟ ହେବେ ବୋଲି ପାଉଲ ଅନେକ ବର୍ଷ ପୂର୍ବେ ସତର୍କ କରିଥିଲେ । ''ଆତ୍ମା ସ୍ପଷ୍ଟରୂପେ କହୁଅଛନ୍ତି, ଉତ୍ତର କାଳରେ କେହି କେହି ଭ୍ରଷ୍ଟ ବିବେକ ମିଥ୍ୟାବାଦୀ ଲୋକମାନଙ୍କ କପଟପଣରେ, ଭ୍ରାନ୍ତିଜନକ ଆତ୍ମାମାନଙ୍କ ପ୍ରତି ଓ ଭୂତମାନଙ୍କ ଶିକ୍ଷା ପ୍ରତି ମନଯୋଗ କରି ବିଶ୍ୱାସ ପରିତ୍ୟାଗ କରିବେ, ସେହି ମିଥ୍ୟାବାଦୀମାନେ ବିବାହ ନିଷେଧ କରନ୍ତି, ପୁଣି ବିବିଧ ଖାଦ୍ୟପଦାର୍ଥରୁ ପୃଥକ୍ ରହିବା ନିମନ୍ତେ ଶିକ୍ଷା ଦିଅନ୍ତି । ବିଶ୍ୱାସୀ ଓ ସତ୍ୟ ଜାଣିଥିବା ଲୋକମାନଙ୍କ ଦ୍ୱାରା ଧନ୍ୟବାଦ ସହ ଭୋଜନ କରାଯିବା ନିମନ୍ତେ ଈଶ୍ୱର ଏସବୁ ତ ସୃଷ୍ଟି କରିଅଛନ୍ତି, କାରଣ ସମସ୍ତ ସୃଷ୍ଟ ବସ୍ତୁ ଉତ୍ତମ, ପୁଣି ଧନ୍ୟବାଦ ସହ ଗ୍ରହଣ କଲେ କୌଣସି ବିଷୟ ଅଗ୍ରାହ୍ୟ ନୁହେଁ ।'' (୧ମ ତୀମଥି ୪:୧-୪) ୨ ଥେସଲନୀକୀ ୨:୧-୪ ପଦଗୁଡ଼ିକରେ ମଧ୍ୟ ଆମ୍ଭେମାନେ ବିଶ୍ୱାସରୁ ପତିତ ହେବା ବିଷୟ ପଢ଼ିପାରୁ ।

ମଣ୍ଡଳୀର ପାଳନରେ ଈଶ୍ୱରଙ୍କ ବାକ୍ୟ ଅନୁସରଣ କରୁନଥିବାରୁ, ମଣ୍ଡଳୀର ଯୋଗ୍ୟତା ବିଶିଷ୍ଟ ବ୍ୟକ୍ତିମାନେ ମଣ୍ଡଳୀର ଅଧ୍ୟକ୍ଷ ଓ ସେବକରୂପେ ନିଯୁକ୍ତ ହେବା ଈଶ୍ୱରଙ୍କ ଯୋଜନା ଅଟେ । (୧ମ ତୀମଥି ୩, ତିତସ ୧ମ ପର୍ବ) । ପ୍ରତ୍ୟେକ ସ୍ଥାନୀକ ମଣ୍ଡଳୀ ସ୍ୱପାଳିତ । ଏତଦ୍ୱାରା ଯଦିଓ ଗୋଟିଏ ମଣ୍ଡଳୀର ପତିତ ହୁଏ, ଅନ୍ୟ ମଣ୍ଡଳୀ ଈଶ୍ୱରଙ୍କ ନିକଟରେ ସୁପ୍ରତିଷ୍ଠିତ ହୋଇରହିପାରିବ ।

ମଣ୍ଡଳୀର ସଂସ୍ଥାପନା ପରେ, ସ୍ଥାନୀୟ ମଣ୍ଡଳୀଗୁଡ଼ିକ ବୃଦ୍ଧି ପାଇ ସମଗ୍ର ପୃଥିବୀରେ ବ୍ୟାପ୍ତ ହେଲା । କାଳକ୍ରମେ, ଗୋଟିଏ ସ୍ଥାନୀୟ ମଣ୍ଡଳୀର ଅଧ୍ୟକ୍ଷଗଣ କେତେକ ସ୍ଥାନୀୟ ମଣ୍ଡଳୀଗୁଡ଼ିକ ଉପରେ ଅଧିକାର ପ୍ରାପ୍ତ ହେଲେ । ଧିରେ ଧିରେ ଏକ ଅଧ୍ୟକ୍ଷ ଅନେକ ମଣ୍ଡଳୀ ଉପରେ ଅଧିକାର ପ୍ରାପ୍ତ ହେଲେ । ଏହିପରିଭାବେ ପଞ୍ଚମ ଶତାବ୍ଦୀରେ କ୍ୟାଥଲିକ ମଣ୍ଡଳୀର ଆବିର୍ଭାବ ହେଲା । ତଦ୍‌ପରେ ତାହା ରୋମନ୍ କ୍ୟାଥଲିକ ଓ ଗ୍ରୀକ୍ କ୍ୟାଥଲିକ ଭାବେ ନିର୍ଭର

ହୋଇଥିଲା । ଏହି ଦୁଇ ଶାଖା ଆଜି ପର୍ଯ୍ୟନ୍ତ ଜଗତରେ ବ୍ୟାପ୍ତ ହୋଇ ରହିଅଛି ।

ପଞ୍ଚଦଶ ଶତାବ୍ଦୀରେ ମାର୍ଟିନ ଲୁଥର ପୁନର୍ଗଠନ ସଂସ୍କାର ଆନ୍ଦୋଳନ (Reformation Movement) ଦ୍ୱାରା ରୋମନ୍ କ୍ୟାଥଲିକ ମଣ୍ଡଳୀରେ ସୁଧାର ଆଣିବାରେ ଚେଷ୍ଟା କରିଥିଲେ । ଏହି ଉଦ୍ୟମ ବିଫଳତାରେ "ପ୍ରତିରୋଧ ଆନ୍ଦୋଳନ" (Protestant Movement)ର ଜନ୍ମ ହେଲା । ଆଜିର ଅସଂଖ୍ୟ ଖ୍ରୀଷ୍ଟିୟ ଶାଖା ଏହି ଆନ୍ଦୋଳନର ଫଳାଫଳ ।

ସପ୍ତାଦଶ ଓ ଅଷ୍ଟାଦଶ ଶତାବ୍ଦୀରେ କେତେକ ଆମେରିକା ଓ ଲଣ୍ଡନର ମତଶାଖା ମଣ୍ଡଳୀଗୁଡ଼ିକ ଆପଣାକୁ କ୍ୟାଥଲିକ କିଅବା ପ୍ରଟେଷ୍ଟାଣ୍ଟ ନ କହି କେବଳ ଖ୍ରୀଷ୍ଟିୟାନ ରହିବାକୁ ଇଛା କଲେ । ବାଇବଲ ଶିକ୍ଷାକୁ ଫେରି, ବାଇବଲ ଯେଉଁ ମଣ୍ଡଳୀ ବିଷୟରେ ଶିକ୍ଷା ଦିଏ, ସେହି ମଣ୍ଡଳୀ ସଭ୍ୟ ହେବା ନିମନ୍ତେ ଇଚ୍ଛା ପ୍ରକାଶ କଲେ । ଏହି ଆନ୍ଦୋଳନ "ପୁନଃଉଦ୍ଧାରତାର ଆନ୍ଦୋଳନ" (Restoration Movement) ରୂପେ ନାମିତ ହେଲା । କାରଣ ପ୍ରକୃତ ଖ୍ରୀଷ୍ଟିୟାନମାନେ ମଣ୍ଡଳୀକୁ ପୁନଃଉଦ୍ଧାର କରି ନୂତନ ନିୟମର ପଦ୍ଧତିନୁଯାୟୀ ଜୀବନଯାପନ କରିବା ପାଇଁ ସ୍ଥିର କଲେ ।

ଯଦିଓ ଖ୍ରୀଷ୍ଟଙ୍କ ମଣ୍ଡଳୀ ଅନେକ ଶତାବ୍ଦୀ ପର୍ଯ୍ୟନ୍ତ କ୍ଷୀଣ ଅବସ୍ଥାରେ ରହିଥିଲା, ତଥାପି ତାହା ସମ୍ପୂର୍ଣ୍ଣଭାବେ ବିନଷ୍ଟ ହୋଇ ଆଦିମ ଖ୍ରୀଷ୍ଟଙ୍କ ମଣ୍ଡଳୀର ପୁନଃଉଦ୍ଧାର ନିମନ୍ତେ ସଚେଷ୍ଟିତ ହେଲେ । ସେ ସମୟରେ ହେଉ କିଅବା ବର୍ତ୍ତମାନ ଯୁଗରେ ହେଉ ଯେଉଁମାନେ ଶୁଦ୍ଧ ବିବେକରେ ଈଶ୍ୱରଙ୍କ ବାକ୍ୟ ଅନୁସରଣ କରନ୍ତି, ପ୍ରତ୍ୟେକ ନୂତନ ନିୟମର ମଣ୍ଡଳୀର ସଭ୍ୟ ହୋଇପାରିବେ । ପ୍ରଥମ ଶତାବ୍ଦୀର ସତ୍ୟରୁ ବିଚଳିତ ମଣ୍ଡଳୀଗୁଡ଼ିକର ସଂଖ୍ୟା ଅତ୍ୟଧିକ ହୋଇଥିବାରୁ, ସେମାନେ ଜଗତର ଇତିହାସରେ ସ୍ଥାନ ପାଇଥିଲେ । ସତ୍ୟରୁ ପତିତ ହେଲେ ସୁଦ୍ଧା ସେମାନଙ୍କ ସଂଖ୍ୟା ଅତ୍ୟଧିକ ହୋଇଥିବାରୁ, ସେମାନେ ପ୍ରଖ୍ୟାତ ହେଲେ । କିନ୍ତୁ ବିଶ୍ୱସ୍ତ ଖ୍ରୀଷ୍ଟିୟାନମାନେ କେବେ ବି ବିଲୁପ୍ତ ହୋଇନଥିଲେ, କିଅବା ବିଲୁପ୍ତ ହେବେ ନାହିଁ । ବିଶ୍ୱସ୍ତମାନେ ଅଳ୍ପସଂଖ୍ୟକ, ତେଣୁକରି ଇତିହାସ ପୃଷ୍ଠାରେ ସ୍ଥାନ ପାଇ ନାହାନ୍ତି ।

ଭାବବାଦୀମାନଙ୍କ ଭାବବାଣୀ ଓ ଈଶ୍ୱରଙ୍କ ପ୍ରତିଜ୍ଞାନୁଯାୟୀ ଖ୍ରୀଷ୍ଟଙ୍କ ମଣ୍ଡଳୀ କେବେ ବି ବିନଷ୍ଟ ହେବ ନାହିଁ । ତାହାଙ୍କ ଆଗମନ ପର୍ଯ୍ୟନ୍ତ ଏହା ଈଶ୍ୱରଙ୍କ ସ୍ୱର ରୂପେ କାର୍ଯ୍ୟ କରୁଥିବା ପାଉଲ ଥେସଲନୀକୀ ମଣ୍ଡଳୀକୁ କହନ୍ତି, "ପରେ ଆମ୍ଭେମାନେ ଯେତେ ଲୋକ ଜୀବିତ ରହି ଅବଶିଷ୍ଟ ଥିବୁ, ପ୍ରଭୁଙ୍କ ସହିତ ସାକ୍ଷାତ୍ କରିବା ନିମନ୍ତେ ଆମ୍ଭେମାନେ ସେମାନଙ୍କ ସହ ମେଘମାଳାରେ ଶୂନ୍ୟମଣ୍ଡଳକୁ ନୀତ ହେବୁ । ଏହି ପ୍ରକାରେ ଆମ୍ଭେମାନେ ସର୍ବଦା ପ୍ରଭୁଙ୍କ ସହିତ ରହିବୁ ।" (୧ମ ଥେସଲନୀକୀ ୪:୧୭) ଯୁଗାନ୍ତ ସମୟରେ ଖ୍ରୀଷ୍ଟ ସମସ୍ତ କର୍ତ୍ତାପଣ,

ସମସ୍ତ କ୍ଷମତା ଓ ଶକ୍ତି ଲୋପ କରି ପିତା ଈଶ୍ୱରଙ୍କୁ ରାଜତ୍ୱ ସମର୍ପଣ କରିବେ, ଯେଉଁମାନେ ଈଶ୍ୱରଙ୍କ ସନ୍ତାନମାନେ ସଦାକାଳ ବାସ କରିବେ । (୧ମ କରିନ୍ଥୀ ୧୫:୨୪)

ସଂସ୍ଥାପିତ ଈଶ୍ୱରଙ୍କ ରାଜ୍ୟ ଚିରସ୍ଥାୟୀ । ସୃଷ୍ଟି ଆରମ୍ଭରୁ ପ୍ରତ୍ୟେକ ଯୁଗରେ ଏହି ପୃଥିବୀରେ ପରମେଶ୍ୱରଙ୍କ ପ୍ରତିନିଧି ନିବାସ କରିଆସୁଅଛନ୍ତି । ନୋହ ସମୟର ସମାଜ ଦୁଷ୍ଟତାରେ ପରିପୂର୍ଣ୍ଣ ହୋଇ ବିନଷ୍ଟ ହୋଇଥିଲେ ସୁଦ୍ଧା ଧାର୍ମିକ ବ୍ୟକ୍ତିମାନଙ୍କ ହେତୁ ଏହି ଅଧାର୍ମିକ ଜଗତ ଏବେ ପର୍ଯ୍ୟନ୍ତ ବିନଷ୍ଟ ହୋଇନାହିଁ । ଖ୍ରୀଷ୍ଟାବ୍ଦ ଆଗମନ ପର୍ଯ୍ୟନ୍ତ ଅନେକ ଜଗତ ଏବେ ପର୍ଯ୍ୟନ୍ତ ବିନଷ୍ଟ ହୋଇନାହିଁ । ଖ୍ରୀଷ୍ଟାବ୍ଦ ଆଗମନ ପର୍ଯ୍ୟନ୍ତ ଅନେକେ ଖ୍ରୀଷ୍ଟିୟାନ ଜୀବିତ ରହିବାର ଅର୍ଥ, ମଣ୍ଡଳୀ ଅବିନାଶ୍ୟ । ଖ୍ରୀଷ୍ଟିୟାନମାନେ ବିଶ୍ୱସ୍ତ ରହିଲେ, କିଅବା ପତିତ ହେଲେ ସୁଦ୍ଧା, ମଣ୍ଡଳୀ ଯୀଶୁଖ୍ରୀଷ୍ଟଙ୍କ ଆଗମନ ପର୍ଯ୍ୟନ୍ତ ସ୍ଥିର ହୋଇ ରହିବ । କାରଣ ଏହା ପୃଥିବୀରେ ଈଶ୍ୱରଙ୍କ ପ୍ରତିନିଧି । ଖ୍ରୀଷ୍ଟଙ୍କ ଆଗମନ ସମୟରେ, ଖ୍ରୀଷ୍ଟ ମଣ୍ଡଳୀକୁ ଅର୍ଥାତ୍ ତାହାଙ୍କ ରାଜ୍ୟକୁ ଈଶ୍ୱରଙ୍କ ହସ୍ତରେ ସମର୍ପଣ କରିବେ । ଖ୍ରୀଷ୍ଟ ଏହି ଜଗତରେ ଆସି ତାହାଙ୍କ ରାଜ୍ୟ ଆଉ ସ୍ଥାପନ କରିବେ ନାହିଁ, କାରଣ ସେ ତାହାଙ୍କ ରାଜ୍ୟ ୨୦୦୦ ବର୍ଷ ପୂର୍ବେ ସ୍ଥାପନ କରିସାରିଅଛନ୍ତି । ପ୍ରତିଜ୍ଞାତ ତାହାଙ୍କ ଆତ୍ମିକ ରାଜ୍ୟ କିଅବା ଖ୍ରୀଷ୍ଟଙ୍କ ମଣ୍ଡଳୀ ଚିରସ୍ଥାୟୀ ଅଟେ ।

ଆପଣ କି ଖ୍ରୀଷ୍ଟଙ୍କ ମଣ୍ଡଳୀର ସଭ୍ୟ ହେବାକୁ ଇଚ୍ଛୁକ ? ଆପଣ ଈଶ୍ୱରଙ୍କ ଆଜ୍ଞାବହ ହୋଇ ଯେପରି ଅନନ୍ତଜୀବନ ପ୍ରାପ୍ତ ହୁଅ ଏହା ଆମର ପ୍ରାର୍ଥନା ।

**- J.C. Choate**

# "ନୋହଙ୍କ ସମୟରେ ଯେ ପ୍ରକାର ଘଟିଥିଲା..."

## (As the days of Noah were...)

ମାଥିଉ ଲିଖିତ ସୁସମାଚାର ୨୪ ପର୍ବ ଓ ୩ୟ ପଦରେ, ଯୀଶୁଖ୍ରୀଷ୍ଟ ଯିରୂଶାଲମ ମନ୍ଦିରରୁ ବାହାରି ଆସୁଥିବା ସମୟରେ, ତାହାଙ୍କର ଶିଷ୍ୟମାନେ ତାହାଙ୍କୁ ଯିରୂଶାଲମ ମନ୍ଦିରରର ପତନ ବିଷୟ ତଥା ତାହାଙ୍କ ଆଗମନର ଲକ୍ଷଣ ବିଷୟରେ ପ୍ରଶ୍ନ ପଚାରିଥିବାରୁ ପଢ଼ିପାରିଥାଉ । ସେମାନଙ୍କ ପ୍ରଥମ ପ୍ରଶ୍ନର ଉତ୍ତର ଅର୍ଥାତ୍ ଯିରୂଶାଲମର ପତନ ବିଷୟରେ ମାଥିଉ ୨୪:୪-୩୫ ପଦଗୁଡ଼ିକରେ ପଢ଼ିପାରୁ । ୨୭ମ ପଦରୁ ତାହାଙ୍କ ଯୁଗାନ୍ତର ଲକ୍ଷଣ ବିଷୟରେ ସେ ଆପଣା ଶିଷ୍ୟମାନଙ୍କୁ ବୁଝାଇ ଦେଇଅଛନ୍ତି । "କିନ୍ତୁ ସେହି ଦିନ ଓ ଦଣ୍ଡ ବିଷୟରେ କେହି ଜାଣନ୍ତି ନାହିଁ, ସ୍ୱର୍ଗର ଦୂତମାନେ କିମ୍ବା ପୁତ୍ର ସୁଦ୍ଧା ଜାଣନ୍ତି ନାହିଁ, କେବଳ ମାତ୍ର ପିତା ଜାଣନ୍ତି । ଆଉ, ନୋହଙ୍କ ସମୟରେ ଯେପ୍ରକାର ଘଟିଥିଲା, ମନୁଷ୍ୟପୁତ୍ରଙ୍କର ଆଗମନ ସମୟରେ ସେ ପ୍ରକାର ଘଟିବ । କାରଣ ଜଳପ୍ଲାବନର ପୂର୍ବବର୍ତ୍ତୀ ସମୟରେ ଜାହାଜରେ ନୋହଙ୍କର

ପ୍ରବେଶ କରିବା ଦିନ ପର୍ଯ୍ୟନ୍ତ ଲୋକେ ଯେପରି ଭୋଜନପାନ ଏବଂ ବିବାହ କରିବା ଓ ବିବାହ ଦେବାର ପ୍ରବୃତ୍ତ ଥିଲେ, ପୁଣି ଜଳପ୍ଲାପନ ଆସି ସମସ୍ତଙ୍କୁ ଭସାଇ ନଦେବା ପର୍ଯ୍ୟନ୍ତ ଯେପରି ଜାଣିନଥିଲେ, ମନୁଷ୍ୟ ପୁତ୍ରଙ୍କର ଆଗମନ ମଧ୍ୟ ସେହି ପ୍ରକାରେ ହେବ।'' (ମାଥିଉ ୨୪:୩୬-୩୯) । ଏହାରେ ପ୍ରଭୁଯୀଶୁ ତାହାଙ୍କ ଆଗମନର ପୂର୍ବବର୍ତ୍ତୀ ସମୟ ତୂଲ୍ୟ ହେବ ବୋଲି ଏହି ବାକ୍ୟଗୁଡ଼ିକରେ ଜଣାଇ ଅଛନ୍ତି ।

ପ୍ରଥମ ମାନବ ଆଦମଙ୍କ ଦଶମ ପୁରୁଷ ନୋହ । ତାହାଙ୍କ ସମୟରେ ପୃଥିବୀରେ ମନୁଷ୍ୟମାନଙ୍କ ସଂଖ୍ୟା ବଢ଼ିବାକୁ ଲାଗିଲା । ସଦାପ୍ରଭୁ ଦେଖିଲେ ଯେ ମନୁଷ୍ୟର ଦୁଷ୍ଟତାଅତି ବଡ଼ ଓ ତାହାର ଅନ୍ତଃକରଣ ଅବିରତ ମନ୍ଦ ମାତ୍ର । ସେ ମନୁଷ୍ୟମାନଙ୍କ କାର୍ଯ୍ୟକଳାପରେ ଦୁଃଖିତ ହୋଇ, ସେମାନଙ୍କୁ ଜଳପ୍ଳାବନ ଦ୍ୱାରା ବିନଷ୍ଟ କରିବାକୁ ମନସ୍ଥ କଲେ । କିନ୍ତୁ ଧାର୍ମିକ ନୋହ ପ୍ରଭୁଙ୍କ ଦୃଷ୍ଟିରେ ଅନୁଗ୍ରହପ୍ରାପ୍ତ ହେଲେ । ସଦାପ୍ରଭୁ ପରମେଶ୍ୱର ନୋହଙ୍କୁ ନାନା କୋଠରୀଥିବା ଗୋଫର କାଷ୍ଠର ଏକ ବିରାଟ ଜାହାଜ ବନାଇବା ନିମନ୍ତେ ଆଜ୍ଞା ଦେଲେ । ସଦାପ୍ରଭୁଙ୍କ ପ୍ରେରିତ ୪୦ ଦିବାରାତ୍ରର ବର୍ଷାଜଳରେ, ନୋହ ଓ ତାହାଙ୍କ ପରିବାର ତଥା ପୃଥିବୀସ୍ଥ ପ୍ରତ୍ୟେକ ଜୀବରାଶି ଏକ ଏକ ଦମ୍ପତି ସେହି ଜାହଜରେ ରହି ପ୍ରାଣରକ୍ଷା କରିଥିଲେ। ସୃଷ୍ଟି ଆରମ୍ଭରୁ ସେ ପର୍ଯ୍ୟନ୍ତ ପୃଥିବୀରେ କେବେ ଏପରି ବର୍ଷା ହୋଇନଥିଲା । ତଥାପି ''ବିଶ୍ୱାସ ଦ୍ୱାରା ନୋହ ସେ ସମୟ ପର୍ଯ୍ୟନ୍ତ ଅପ୍ରକାଶିତ ବିଷୟ ସମ୍ବନ୍ଧରେ ପ୍ରତ୍ୟାଦେଶ ପାଇ ଭକ୍ତି ସହକାରେ ଆପଣା ପରିବାରର ରକ୍ଷା ନିମନ୍ତେ ଗୋଟିଏ ଜାହାଜ ନିର୍ମାଣ କଲେ, ପୁଣି ସେହି ବିଶ୍ୱାସ ଦ୍ୱାରା ସେ ଜଗତକୁ ଦୋଷୀ କରି ବିଶ୍ୱାସନୁଯାୟୀ ଧାର୍ମିକତାର ଅଧିକାରୀ ହେଲେ।'' (ଏବ୍ରୀ ୧୧:୭) ସେ ଧର୍ମଭ୍ରଷ୍ଟ ଜଗତକୁ ଧର୍ମପ୍ରଚାର କଲେ ସୁଦ୍ଧା, ସେମାନେ ନୋହଙ୍କ ପ୍ରଚାରରେ ବିଶ୍ୱାସ ନ କରି ବିନଷ୍ଟ ହୋଇଥିଲେ ବୋଲି ୨ୟ ପିତର ୨:୫ ପଦରେ ପଢ଼ିପାରୁ ।

ନୋହଙ୍କ ସମୟରେ ଜଳପ୍ଳାବନ ଘଟିବା ପୂର୍ବବର୍ତ୍ତୀ ସମୟରେ ମନୁଷ୍ୟମାନଙ୍କୁ ଆମ୍ଭେମାନେ ଦୁଇବର୍ଗରେ ବିଭକ୍ତ କରିପାରୁ । ଧାର୍ମିକ ନୋହ ଓ ତାହାଙ୍କ ଭାର୍ଯ୍ୟା ତଥା ସେମାନଙ୍କ ତିନି ପୁତ୍ର ଶେମ୍, ହାମ ଓ ଯାଫେଦ୍ ଏହି ଆଠଜଣ ପ୍ରାଣୀ, ଯେଉଁମାନେ ନୋହଙ୍କ ନିର୍ମିତ ଜାହାଜରେ ପ୍ରବେଶ କରି ପ୍ରାଣରକ୍ଷା କରିଥିଲେ । ୨ୟ ବର୍ଗର ଲୋକେ, ନୋହଙ୍କ ପ୍ରଚାରରେ ଅବିଶ୍ୱାସ କରି ଅପହାସ କରି ବିନଷ୍ଟ ହୋଇଥିଲେ । ସେମାନେ ''........ଭୋଜନ ପାନ, ବିବାହ କରିବା ଓ ବିବାହ ଦେବାରେ ପ୍ରବୃତ୍ତ ଥିଲେ । ପୁଣି ଜଳପ୍ଳାବନ ଆସି ସମସ୍ତଙ୍କୁ ଭସାଇ ନ ନେବା ପର୍ଯ୍ୟନ୍ତ ଜାଣିନଥିଲେ ....'' (ମାଥିଉ ୨୪:୩୮,୩୯)

ପ୍ରଭୁ ଯୀଶୁଙ୍କ ଆଗମନର ପୂର୍ବବର୍ତ୍ତୀ ସମୟରେ ନିବାସ କରୁଅଛୁ ଯେ ଆମ୍ଭେମାନେ,

ଆମ୍ଭମାନଙ୍କ ମଧ୍ୟରେ ମଧ୍ୟ ଦୁଇବର୍ଗର ମନୁଷ୍ୟ ଅଛନ୍ତି । ଯେଉଁମାନେ ପ୍ରଭୁଯୀଶୁଙ୍କ ବାକ୍ୟ ଗ୍ରହଣ କରି, ମନ ପରିବର୍ତ୍ତନ କରି, ବାପ୍ତିସ୍ମ ଗ୍ରହଣ କରି, ତାହାଙ୍କ ମଣ୍ଡଳୀରେ ସଂଯୁକ୍ତ ହୋଇଅଛନ୍ତି, ନୋହ ଓ ତାହାଙ୍କ ପରିବାର ଜାହାଜ ରହି ଯେପରି ଜଳପ୍ଲାବନରୁ ରକ୍ଷା ପାଇଥିଲେ ସେହିପରି ଆଗାମୀ ବିନାଶରୁ ରକ୍ଷା ପାଇବେ । ବାକ୍ୟ କହେ, "......ପୁରାକାଳରେ ଆକାଶମଣ୍ଡଳ ଓ ଈଶ୍ୱରଙ୍କ ଦ୍ୱାରା ଜଳରୁ ନିର୍ଗତ ଓ ଜଳରେ ଅବସ୍ଥିତ ପୃଥିବୀ ଥିଲା, ଆଉ ତଦ୍ୱାରା ସେହିକାଳର ଜଗତ ଜଳରେ ପ୍ଲାବିତ ହୋଇ ବିନଷ୍ଟ ହେଲା । ପୁଣି, ଏହି ବର୍ତ୍ତମାନ ଆକାଶମଣ୍ଡଳ ଓ ପୃଥିବୀ ସେହି ବାକ୍ୟ ଦ୍ୱାରା ଅଧାର୍ମିକମାନଙ୍କର ବିଚାର ଓ ବିନାଶର ଦିନ ପର୍ଯ୍ୟନ୍ତ ସଞ୍ଚିତ ହୋଇ ଅଗ୍ନି ନିମନ୍ତେ ରକ୍ଷିତ ହୋଇଅଛି ।" (୨ୟ ପିତର ୩:୫-୭) ଆଉ, ଦ୍ୱିତୀୟ ବର୍ଗର ଲୋକେ, ଜାହାଜ ବାହାରେ ଅବିଶ୍ୱାସକ, ପରିହାସକ, ସାଂସାରିକ ଚିନ୍ତାରେ ବ୍ୟସ୍ତ, ଜୀବିକା ନିର୍ବାହ ସମ୍ବନ୍ଧୀୟ ବୃତ୍ତିରେ ବ୍ୟସ୍ତ ଲୋକମାନଙ୍କ ସଦୃଶ୍ୟ ବିନଷ୍ଟ ହେବେ ।

ପ୍ରଭୁଙ୍କ ଦ୍ୱିତୀୟ ଆଗମନର ଦିନ ଓ ଦଣ୍ଡ ବିଷୟରେ କେହି ଜାଣନ୍ତି ନାହିଁ । ସ୍ୱର୍ଗର ଦୂତଗଣ, କିଅବା ଯୀଶୁଖ୍ରୀଷ୍ଟ ମଧ୍ୟ ଜାଣନ୍ତି ନାହିଁ । କେବଳ ପିତା ଜାଣନ୍ତି । (ମାଥିଉ ୨୪:୩୬) "କିନ୍ତୁ ତୁମ୍ଭେମାନେ ଯେପରି ଆଗାମୀ ଘଟଣାରୁ ରକ୍ଷା ପାଇବାକୁ ଓ ମନୁଷ୍ୟପୁତ୍ର ଛାମୁରେ ଉଭା ହେବାକୁ ସମର୍ଥ ହୁଅ, ଏଥି ନିମନ୍ତେ ପ୍ରାର୍ଥନା କରି ଜଗି ରୁହ ।" (ଲୂକ ୨୧:୩୬) । ପ୍ରେରିତ ପାଉଲ ଥେସଲନୀକୀ ମଣ୍ଡଳୀକୁ କହନ୍ତି, "ହେ ଭାଇମାନେ, କାଳ ଓ ନିର୍ଦ୍ଦିଷ୍ଟ ସମୟ ସମ୍ବନ୍ଧରେ ତୁମ୍ଭମାନଙ୍କ ନିକଟକୁ କିଛି ଲେଖିବାର ଆବଶ୍ୟକ ନାହିଁ, କାରଣ ରାତ୍ରିରେ ଚୋର ଆସିଲା ପରି ପ୍ରଭୁଙ୍କ ଦିନ ଯେ ଆସିବ, ଏହା ତୁମ୍ଭେମାନେ ଉତ୍ତମରୂପେ ଜାଣ । ଯେତେବେଳେ ଲୋକେ ଶାନ୍ତି ଓ ନିରାପଦ ବୋଲି କହୁଥିବେ, ସେତେବେଳେ ଗର୍ଭବତୀର ପ୍ରସବ ବେଦନା ତୁଲ୍ୟ ହଠାତ୍ ସେମାନଙ୍କ ବିନାଶ ଉପସ୍ଥିତ ହେବ, ଆଉ ସେମାନେ କୌଣସି ପ୍ରକାରେ ରକ୍ଷା ପାଇବେ ନାହିଁ ।" (୧ମ ଥେସ ୫:୧-୩)

ନୋହଙ୍କ ସମୟରେ ଲୋକେ ଯେପରି ସଦାପ୍ରଭୁଙ୍କ ବାକ୍ୟ ଅବିଶ୍ୱାସ, ଅମାନ୍ୟ, ଅବହେଳା, ପରିହାସ କରି ଭୋଜନପାନ, ବିବାହ କରିବାରେ ଓ ବିବାହ ଦେବାରେ ନିବୃତ୍ତ ଥିଲେ, ଆମ୍ଭେମାନେ ସେମାନଙ୍କ ସଦୃଶ୍ୟ ନହୋଇ ପ୍ରଚାରିତ ବାକ୍ୟରେ ମନୋଯୋଗ କରି, ସାବଧାନ ରହୁ ।" କାରଣ ସେହି ଦିନ ଫାନ୍ଦ ସ୍ୱରୂପ ସମଗ୍ର ପୃଥିବୀ ନିବାସୀ ସମସ୍ତଙ୍କ ଉପରେ ପଡ଼ିବ ।" (ଲୂକ ୨୧:୩୬)

**- Kabita Gootam**

# ପରମେଶ୍ୱରଙ୍କ ଘୃଣ୍ୟ ବିଷୟ
## (God Hates)

ଜ୍ଞାନୀ ଶଲୋମନ ରାଜା ସଦାପ୍ରଭୁଙ୍କ ଘୃଣ୍ୟ ବିଷୟରେ କହନ୍ତି, ''ଛଅଗୋଟି ବିଷୟକୁ ସଦାପ୍ରଭୁ ଘୃଣା କରନ୍ତି, ସପ୍ତବସ୍ତୁ ମଧ୍ୟ ତାହାଙ୍କର ଘୃଣାଯୋଗ୍ୟ । ଅହଂକାର ଦୃଷ୍ଟି, ମିଥ୍ୟାବାଦୀ-ଜିହ୍ୱା ଓ ନିର୍ଦ୍ଦୋଷର ରକ୍ତପାତକାରୀ-ହସ୍ତ, ଅନିଷ୍ଟ ଚିନ୍ତକ ଅନ୍ତଃକରଣ, କୁକର୍ମ କରିବାକୁ ବେଗଗାମୀ ଚରଣ, ମିଥ୍ୟାସାକ୍ଷୀ ଯେ ମିଥ୍ୟା କହେ ଓ ଯେ ଭାଇମାନଙ୍କ ମଧ୍ୟରେ କଳିର ବୀଜ ବୁଣଇ ।'' (ହିତ ୫୯:୨)

ପରମେଶ୍ୱର ପ୍ରତ୍ୟେକ ପାପ ଘୃଣା କରନ୍ତି, କିନ୍ତୁ ଉପରୋକ୍ତ ପାପଗୁଡ଼ିକ ମନୁଷ୍ୟମାନଙ୍କ ମଧ୍ୟରେ ଦେଖାଯାଉଥିବା ସର୍ବସାଧାରଣ ପାପ । ଏହି ପାପଗୁଡ଼ିକ ଆମ୍ଭମାନଙ୍କ ଜୀବନକୁ ବିନଷ୍ଟ କରେ ଓ ପରମେଶ୍ୱରଙ୍କ ଦୃଷ୍ଟିରେ ଆମ୍ଭେମାନେ ପାପୀ ପରିଗଣିତ ହେଉ । ଯିଶାଇୟ ଭାବବାଦୀ ଇଶ୍ରାଏଲ୍ ସନ୍ତାନମାନଙ୍କୁ କହିଲେ, ''ତୁମ୍ଭମାନଙ୍କର ଅପରାଧସବୁ, ତୁମ୍ଭମାନଙ୍କର ଓ ତୁମ୍ଭମାନଙ୍କ ମଧ୍ୟରେ ବିଚ୍ଛେଦ ଘଟାଇଅଛି ଓ ତୁମ୍ଭମାନଙ୍କର ପାପସବୁ ତୁମ୍ଭମାନଙ୍କ ଠାରୁ ତାହାଙ୍କ ମୁଖ ଲୁଚାଇଅଛି । ଏଥିପାଇଁ ସେ ଶୁଣିବେ ନାହିଁ ।'' (ଯିଶାଇୟ ୫୯:୨)

ସଦାପ୍ରଭୁ ଅହଂକାର ଦୃଷ୍ଟି ଘୃଣା କରନ୍ତି । ଗର୍ବୀ ପରମେଶ୍ୱରଙ୍କ ଦୃଷ୍ଟିରେ ପାମର । ଗର୍ବୀ କେବଳ ଆପଣା ସ୍ୱାର୍ଥ ଚେଷ୍ଟା କରେ । ଅନ୍ୟମାନଙ୍କୁ ଆପଣା ଠାରୁ ନ୍ୟୁନ ମନେ କରେ । ହିତ ୧୬:୫ ପଦରେ ଲେଖାଯାଏ, ''ମନରେ ଗର୍ବୀ ପ୍ରତ୍ୟେକ ସଦାପ୍ରଭୁଙ୍କ ଠାରେ ଘୃଣିତ, ହାତ ଧରାଧରି ହେଲେ ହେଁ ସେ ଅଦଣ୍ଡିତ ନୋହିବ ।'' ''ଦୁଷ୍ଟମାନଙ୍କ ପ୍ରଦୀପ ସ୍ୱରୂପ ସେ ଅହଂକାର-ଦୃଷ୍ଟି ଓ ଗର୍ବିତ ମନ, ତାହା ପାପଜନକ ।'' (ହିତ ୨୧:୪) ''ଈଶ୍ୱର ଅହଂକାରୀମାନଙ୍କୁ ପ୍ରତିରୋଧ କରନ୍ତି, କିନ୍ତୁ ନମ୍ର ଲୋକମାନଙ୍କୁ ଅନୁଗ୍ରହ ଦାନ କରନ୍ତି ।'' (ଯାକୁବ ୪:୬) ଖ୍ରୀଷ୍ଟିୟାନ ଯେ ଆମ୍ଭେମାନେ, ଖ୍ରୀଷ୍ଟଙ୍କ ସଦୃଶ୍ୟ ନମ୍ରତାର ବସ୍ତ୍ର ପରିଧାନ କରୁ । (୧ମ ପିତର ୫:୫)

ସଦାପ୍ରଭୁ ମିଥ୍ୟାବାଦୀ ଜିହ୍ୱା ଘୃଣା କରନ୍ତି । ଅନେକ ଥର ଆମ୍ଭେମାନେ ପରସ୍ପର ମିଥ୍ୟା କହିଥାଉ । ମିଥ୍ୟା ଦ୍ୱାରା ଆମ୍ଭେମାନେ ମନୁଷ୍ୟମାନଙ୍କୁ ପ୍ରତାରଣା କରିପାରିବା, କିନ୍ତୁ ପରମେଶ୍ୱରଙ୍କୁ ନୁହେଁ । ମିଥ୍ୟାବାଦୀ ଓଷ୍ଠ ସଦାପ୍ରଭୁଙ୍କ ଘୃଣା ବିଷୟ, ମାତ୍ର ଯେଉଁମାନେ ସତ୍ୟ ବ୍ୟବହାର କରନ୍ତି, ସେମାନେ ତାହା ଦୃଷ୍ଟିକର ।'' (ହିତ ୧୨:୨୨) । କଲସୀ ମଣ୍ଡଳୀକୁ

ପ୍ରେରିତ ପାଉଲ କହନ୍ତି,''ପରସ୍ପର ମିଥ୍ୟା କୁହ ନାହିଁ, ତୁମ୍ଭେମାନେ ତ ପୁରାତନ ସ୍ୱଭାବ ଓ ସେଥିର ସମସ୍ତ କର୍ମ ପରିତ୍ୟାଗ କରି ନୂତନ ସ୍ୱଭାବ ପରିଧାନ କରିଅଛ.....'' (କଲସୀ ୩:୯) ଆମ୍ଭମାନଙ୍କ ମନ ଅଶୁଦ୍ଧ ରହିଲେ, ଆମ୍ଭମାନଙ୍କ ପ୍ରତିବାସୀକୁ ମିଥ୍ୟା କହିବାକୁ ଆମ୍ଭେମାନେ କୁଣ୍ଠାବୋଧ କରିବୁ ନାହିଁ।

ନିର୍ଦ୍ଦୋଷର ରକ୍ତପାପକାରୀ ହସ୍ତ ପରମେଶ୍ୱର ଘୃଣା କରନ୍ତି । ଏହି ଜଗତରେ ଆମ୍ଭେମାନେ ଅନେକ ରକ୍ତପାତ ଦେଖୁଅଛୁ । ନିରୀହ, ନିର୍ଦ୍ଦୋଷମାନଙ୍କ ରକ୍ତପାତରେ ପରମେଶ୍ୱରଙ୍କ ସନ୍ତୋଷ ନାହିଁ । ସେମାନେ ଅଦଣ୍ଡିତ ନୋହିବେ ।

ଅନିଷ୍ଟଚିନ୍ତକ ଅନ୍ତଃକରଣ, ଈଶ୍ୱରଙ୍କ ଘୃଣ୍ୟ ବିଷୟ । ଦୁଷ୍ଟ ଚିନ୍ତକର ଜୀବନ ହିଁ ଦୁଷ୍ଟତାରେ ପରିପୂର୍ଣ୍ଣ । ଅନିଷ୍ଟ ଚିନ୍ତକ ମାନଙ୍କ ଦ୍ୱାରା ଏହି ଜଗତ ଭରା । ଖ୍ରୀଷ୍ଟିୟାନମାନେ ଯେ ଆମ୍ଭେମାନେ ଅନିଷ୍ଟ ଚିନ୍ତା ନ କରୁ । ଅନିଷ୍ଟ ଚିନ୍ତକମାନଙ୍କ ଦ୍ୱାରା ଖ୍ରୀଷ୍ଟ କ୍ରୁଶାର୍ପିତ ହୋଇଥିଲେ । ମନ୍ଦ ଆତ୍ମା କେବଳ ମନ୍ଦ ଚିନ୍ତା କରେ ।

କୁକର୍ମ କରିବାକୁ ବେଗଗାମୀ ଚରଣ ସଦାପ୍ରଭୁ ଘୃଣା କରନ୍ତି । ଏହି ଜଗତର ଅନେକେ କେବଳ କୁକର୍ମ କରିବାରେ ସତ୍ୱର । ଆଦି ୬:୫-୬ ପଦରେ ଲେଖାଯାଏ,''ସଦାପ୍ରଭୁ ଦେଖିଲେ ଯେ, ପୃଥିବୀରେ ମନୁଷ୍ୟର ଦୁଷ୍ଟତା ଅତି ବଡ଼, ଆଉ ତାହାର ଅନ୍ତଃକରଣର ଭାବନାର ପ୍ରତ୍ୟେକ କଳ୍ପନା ଅବିରତ ମନ୍ଦ ମାତ୍ର ।'' ଜ୍ଞାନୀ ଶଲୋମନ ପରମେଶ୍ୱରଙ୍କୁ ଭୟ କରି କୁକର୍ମ ତ୍ୟାଗ କରିବାକୁ ହିତ ୩:୭ ପଦରେ ଆମ୍ଭମାନଙ୍କୁ ସତର୍କ କରାନ୍ତି, ''ଯେଣୁ ଯେ, ଜୀବନରେ ସୁଖଭୋଗ କରିବାକୁ ପୁଣି ମଙ୍ଗଳର ଦିନ ଦେଖିବାକୁ ଇଚ୍ଛା କରେ, ସେ ମନ୍ଦ ବାକ୍ୟରୁ ଆପଣା ଜିହ୍ୱାକୁ ଆଉ ପ୍ରବଞ୍ଚନା ବାକ୍ୟରୁ ଆପଣା ଓଷ୍ଠଧାରକୁ ନିବୃତ୍ତ କରୁ ।'' (୧ମ ପିତର ୩:୧୦)

ସଦାପ୍ରଭୁ ମିଥ୍ୟା ସାକ୍ଷୀ ଘୃଣା କରନ୍ତି । ମିଥ୍ୟା ସାକ୍ଷୀମାନଙ୍କ ହେତୁ ଅନେକ ନିରୀହ ଲୋକେ ଦଣ୍ଡିତ ହୁଅନ୍ତି । ପ୍ରତିବାସୀ ବିରୁଦ୍ଧରେ ମିଥ୍ୟା ସାକ୍ଷ୍ୟ ନ ଦେବା ସଦାପ୍ରଭୁଙ୍କ ଦତ୍ତ ଦଶଆଜ୍ଞାର ଅନ୍ତର୍ଭୁକ୍ତ ଅଟେ । ମିଥ୍ୟାସାକ୍ଷ୍ୟ ଦ୍ୱାରା ପ୍ରତିବାସୀର ଜୀବନ ଓ ସୁନାମର କ୍ଷତି ଘଟେ । ଖ୍ରୀଷ୍ଟିୟାନମାନେ ଏପରି ପାପରୁ ଆପଣାକୁ ଦୂରେଇ ରଖିବା ଆବଶ୍ୟକ ।

ଭାଇମାନଙ୍କ ମଧ୍ୟରେ କଳିର ବୀଜ ବୁଣିବା ଲୋକମାନଙ୍କୁ ସଦାପ୍ରଭୁ ଘୃଣା କରନ୍ତି । ମଣ୍ଡଳୀ ଈଶ୍ୱରଙ୍କ ଶରୀର ଅଟେ । ସଦାପ୍ରଭୁଙ୍କୁ ପ୍ରେମ କରିବା । ଯେଉଁ ବିଷୟଗୁଡ଼ିକ ଦ୍ୱାରା ମଣ୍ଡଳୀର ହାନି ଘଟେ, ବିଭକ୍ତ ହୁଏ । ସେହି ସବୁ ବିଷୟଗୁଡ଼ିକରୁ ଖ୍ରୀଷ୍ଟିୟାନ ଆପଣାକୁ ସୃଷ୍ଟି

କରୁଥିବା ଖ୍ରୀଷ୍ଟିୟାନମାନଙ୍କ ଠାରେ ସଦାପ୍ରଭୁଙ୍କ ସନ୍ତୋଷ ନାହିଁ । କଳିର ବୀଜ ବୁଣିବା ପର୍ଯ୍ୟନ୍ତ ଆତ୍ମାତୃପ୍ତି ଲାଭ କରନ୍ତି ନାହିଁ । ଭାଇମାନଙ୍କ କୃତ ସୁକର୍ମ ଭୁଲି, କେବଳ କୁକର୍ମ ମନେ ରଖନ୍ତି । କଳିର ବୀଜ ବୁଣିବା ଦ୍ୱାରା ଖ୍ରୀଷ୍ଟଙ୍କ ମଣ୍ଡଳୀର କ୍ଷତି ହୁଏ । ଏପରି କାର୍ଯ୍ୟରୁ ଆମ୍ଭେମାନେ ନିବୃତ୍ତ ହେଉ ।

ସଦାପ୍ରଭୁ ପ୍ରତ୍ୟେକ ପାପ ଘୃଣା କରନ୍ତି । ତାହାଙ୍କ ସନ୍ତାନ ଯେ ଆମ୍ଭେମାନେ ମଧ୍ୟ ପ୍ରତ୍ୟେକ ପାପ ଘୃଣା କରୁ । ସଦ୍‌ହୃଦୟରେ ପ୍ରାର୍ଥନା କଲେ ସେ ଆମ୍ଭମାନଙ୍କ ପାପକ୍ଷମା କରିବା ନିମନ୍ତେ ବିଶ୍ୱସ୍ତ ଓ ନ୍ୟାୟବାନ ପରମେଶ୍ୱର ଅଟନ୍ତି । ଆମ୍ଭମାନଙ୍କର ପାପସବୁ ସିନ୍ଦୁରବର୍ଣ୍ଣ ପରି ହେଲେ ହେଁ, ହିମ ପରି ଶୁକ୍ଳବର୍ଣ୍ଣ କରିବେ ଏବଂ ସେସବୁ ଲୋହିତବର୍ଣ୍ଣ ପରି ରଙ୍ଗ ହେଲେ ହେଁ ମେଷଲୋମ ପରି କରିବେ । (ଯିଶାଇୟ ୧:୧୮) ଆପଣ ଯଦି ଏବେ ପର୍ଯ୍ୟନ୍ତ ଆପଣଙ୍କ ପାପରୁ ଧୌତ ହୋଇନାହାନ୍ତି, ଆଜିର ଧୌତ ହେବାର ଉପଯୁକ୍ତ ସମୟ ! ‘‘ଦେଖ, ଏବେ ମହା ଅନୁଗ୍ରହର ସମୟ, ଦେଖ ଏବେ ପରିତ୍ରାଣର ଦିନ ।’’ (୧ମ କରିନ୍ଥୀ ୬:୨) ଯୀଶୁଙ୍କଠାରେ ବିଶ୍ୱାସ କର, (ମାର୍କ ୧୬:୧୬) ତାହାଙ୍କୁ ଈଶ୍ୱରଙ୍କ ପୁତ୍ର ସ୍ୱୀକାର କରି (ରୋମୀୟ ୧୦:୧୦) ପାପକ୍ଷମା ନିମନ୍ତେ ବାପ୍ତିଜିତ ହେଲେ ଆମ୍ଭେମାନେ ପରିତ୍ରାଣ ପାଇପାରିବା । (ପ୍ରେରିତ ୨:୩୮, ପ୍ରେରିତ ୨୨:୧୬, ରୋମୀୟ ୬:୪)

**- Francis David**

# ଶାନ୍ତିରେ ରହୁ !
## (To be at peace)

‘‘ସମ୍ଭବ ହେଲେ, ତୁମ୍ଭର ଯେତେ ପର୍ଯ୍ୟନ୍ତ ସାଧ୍ୟ, ସମସ୍ତ ଲୋକଙ୍କ ସହିତ ଶାନ୍ତିରେ ରୁହ ।’’ (ରୋମ ୧୨:୧୮) ଖ୍ରୀଷ୍ଟିୟାନମାନେ ସମସ୍ତଙ୍କ ସହିତ ଶାନ୍ତିରେ ରହି କି ବିଶ୍ୱସ୍ତ ଜୀବନଯାପନ କରିପାରିବେ ? ସମସ୍ତଙ୍କ ସହିତ ଶାନ୍ତିରେ ରହିବା ପାଇଁ ଆମ୍ଭେମାନେ କି ଈଶ୍ୱରଙ୍କ ଆଜ୍ଞା ଅମାନ୍ୟ କରୁ ? ଆମ୍ଭେମାନେ ଜାଣୁ ଯେ ଖ୍ରୀଷ୍ଟିୟାନମାନେ ଶାନ୍ତିଦୂତ ଅଟନ୍ତି । କାରଣ ବାକ୍ୟ କହେ,‘‘ଶାନ୍ତି କାରକ ଲୋକେ ଧନ୍ୟ, କାରଣ ସେମାନେ ଈଶ୍ୱରଙ୍କ ସନ୍ତାନ ବୋଲି ଖ୍ୟାତ ହେବେ ।’’ (ମାଥିଉ ୫:୯) ପାଉଲ ରୋମୀୟ ମଣ୍ଡଳୀକୁ କହନ୍ତି,‘‘ଅତଏବ ଆସ, ଯେ ଯେ ବିଷୟ ଶାନ୍ତିଜନକ, ଆଉ ଯେ ଯେ ବିଷୟ ପରସ୍ପର ନିଷ୍ଠା ହୁଏ । ସେହିସବୁର ଆମ୍ଭେମାନେ ଅନୁଗମନ କରୁ ।’’ (ରୋମୀୟ ୧୪:୧୯) ଈଶ୍ୱର ଆମ୍ଭମାନଙ୍କୁ ଶାନ୍ତିରେ

ଆଚରଣ କରିବାକୁ ଆହ୍ୱାନ କରିଅଛନ୍ତି । (୧ମ କରିନ୍ଥୀ ୭:୧୫) ''ପୁଣି, ଖ୍ରୀଷ୍ଟଦତ୍ତ ଯେଉଁ ଶାନ୍ତି ଭୋଗ କରିବା ନିମନ୍ତେ ତୁମ୍ଭେମାନେ ଏକ ଶରୀର ରୂପେ ଆହୂତ ହୋଇଅଛ, ତାହା ତୁମ୍ଭମାନଙ୍କ ହୃଦୟରେ ରାଜତ୍ୱ କରୁ, ପୁଣି ତୁମ୍ଭେମାନେ ଧନ୍ୟବାଦ ଦିଅ ।'' (କଲସୀ ୩:୧୫) ଶାନ୍ତିର ଅନୁଗାମୀ ହେବା ନିମନ୍ତେ ଯୁବକ ତୀମଥିଙ୍କୁ ପ୍ରେରିତ ପାଉଲଙ୍କ ଦ୍ୱାରା ଦୃଢ଼ ଭାବେ ଆଜ୍ଞା ଦେଇଥିଲେ । (୨ ତୀମଥି ୨:୨)

ପ୍ରେରିତ ପାଉଲ ବିଜାତୀମାନଙ୍କୁ ଲେଖିଥିବା ପ୍ରତ୍ୟେକ ପତ୍ରରେ, ପରମେଶ୍ୱରଙ୍କ ଠାରୁ ଅନୁଗ୍ରହ, ଦୟା ଓ ଶାନ୍ତିର ବିଷୟ ଲେଖିଅଛନ୍ତି । ପ୍ରଶ୍ନ ଉଠେ, ଖ୍ରୀଷ୍ଟିୟାନ କେତେ ଦୂର ଅନ୍ୟମାନଙ୍କ ସହିତ ଆପୋଷ ନିଷ୍ପତ୍ତି ସହଯୋଗ ରଖିପାରିବ ?

ବାଇବଲ ଆମ୍ଭମାନଙ୍କୁ ଈଶ୍ୱରଙ୍କ ବାକ୍ୟ ବିଷୟରେ କହେ, ''ତୁମ୍ଭର ବାକ୍ୟ ତ' ସତ୍ୟ ।'' (ଯୋହନ ୧୭:୧୭) ସତ୍ୟ କେବଳ ପରିବର୍ତ୍ତନ ନାହିଁ । ପରିବର୍ତ୍ତନ କରିବା ଲୋକେ ଅଭିଶପ୍ତ ହେବେ । (ଗାଲାତୀ ୧:୬-୯)

ଅତଏବ, ଯେଉଁମାନେ ନୂତନ ନିୟମର ମଣ୍ଡଳୀରେ ସଂଯୁକ୍ତ ହୋଇଅଛନ୍ତି ତାହାଙ୍କ ସହିତ ଶାନ୍ତିରେ ରହିବା ଆବଶ୍ୟକ । (ପ୍ରକାଶିତ ୨୨:୧୮) କିନ୍ତୁ ଯେଉଁମାନେ ଖ୍ରୀଷ୍ଟଙ୍କ ବ୍ୟକ୍ତ ବାକ୍ୟ ଅମାନ୍ୟ କରନ୍ତି ସେମାନଙ୍କ ସହିତ ଶାନ୍ତିରେ ସମାଧାନ କରନ୍ତୁ । ବାକ୍ୟ କହେ,''ପୁଣି କେହି ଯଦି ଏହି ଭାବବାଣୀ ପୁସ୍ତକର କୌଣସି ବାକ୍ୟ ଲୋପ କରେ, ତେବେ ଈଶ୍ୱର ଏହି ପୁସ୍ତକରେ ଲିଖିତ ଜୀବନ ବୃକ୍ଷ ଓ ପବିତ୍ର ନଗରୀରେ ତାହାର ଅଂଶ ଲୋପ କରିବେ ।'' (ପ୍ରକାଶିତ ୨୨:୧୯)

ଯେଉଁମାନେ ଖ୍ରୀଷ୍ଟଙ୍କ ବ୍ୟବସ୍ଥାରେ ଅଟମନ ଅଟନ୍ତି ସେମାନଙ୍କ ସହିତ ସହଯୋଗ କରିବା ବିଷୟରେ ଆମ୍ଭମାନଙ୍କ ପ୍ରିୟ ପ୍ରେରିତ ଯୋହନ ଆମ୍ଭମାନଙ୍କୁ ସତର୍କ କରନ୍ତି । ତାହାଙ୍କ ପ୍ରିୟ ସନ୍ତାନମାନଙ୍କୁ ସେ କହନ୍ତି,''ଯେକେହି ଖ୍ରୀଷ୍ଟଙ୍କ ସୀମା ମଧ୍ୟରେ ନରହି ତାହା ଅତିକ୍ରମ କରେ, ସେ ଈଶ୍ୱରଙ୍କୁ ପାଇନାହିଁ, ଯେ ଶିକ୍ଷାର ସୀମା ମଧ୍ୟରେ ରହେ, ସେ ପିତା ଓ ପୁତ୍ର ଉଭୟଙ୍କୁ ପାଇନାହିଁ । କେହି ଯଦି ଏହି ଶିକ୍ଷା ନ ଘେନି ତୁମ୍ଭମାନଙ୍କ ନିକଟକୁ ଆସେ, ତେବେ ତାହାକୁ ସମ୍ବର୍ଦ୍ଧନା ଜଣାଏ, ସେ ତାହାର ଦୁଷ୍କର୍ମର ସହଭାଗୀ ହୁଏ ।'' ( ୨ ଯୋହନ ୯-୧୦) ଏହି ବାକ୍ୟର ପୂର୍ବ ବାକ୍ୟରେ ଏପରି ଲେଖାଯାଏ,''ତୁମ୍ଭେମାନେ ଯେପରି ଆମ୍ଭମାନଙ୍କର କୃତକର୍ମର ଫଳ ନ ହରାଇ ବରଂ ସେଥିର ପୂର୍ଣ୍ଣ ପୁରସ୍କାର ପ୍ରାପ୍ତ ହୁଅ, ସେଥି ନିମନ୍ତେ ଆପଣା ଆପଣା ବିଷୟରେ ସାବଧାନ ହୁଅ ।'' (୮ମ ପଦ)

ପ୍ରତ୍ୟେକ ମନୁଷ୍ୟ ସହିତ, ଶାନ୍ତିରେ ବାସ କରିବା ନିମନ୍ତେ, ଆମ୍ଭେମାନେ ଖ୍ରୀଷ୍ଟଙ୍କ ସୀମାର ବାହାର ନଯାଉ । ପରିତ୍ରାଣର ଯୋଜନାରେ, ଆରାଧନାର ପଦ୍ଧତିରେ କିମ୍ବା ଖ୍ରୀଷ୍ଟିୟାନ ଜୀବନଯାପନ କରିବାରେ ଆମ୍ଭେମାନେ ଆପୋଷ ନିଷ୍ପତ୍ତି ନନେଉ । ପାଉଲ କହନ୍ତି,"ସମସ୍ତ ଶାସ୍ତ୍ର ଈଶ୍ୱର ନିଃଶ୍ୱସିତ ଏବଂ ଶିକ୍ଷା, ଅନୁଯୋଗ, ସଂଶୋଧନ ଓ ଧାର୍ମିକତା ସମ୍ବନ୍ଧୀୟ ଶାସନ ନିମନ୍ତେ ଉପକାରୀ, ଯେପରି ଈଶ୍ୱରଙ୍କ ଲୋକ ସିଦ୍ଧ ହୋଇ ସମସ୍ତ ଉତ୍ତମ କାର୍ଯ୍ୟ ନିମନ୍ତେ ସୁସଜ୍ଜିତ ହୁଏ " (୨ୟ ତୀମଥି ୩:୧୬-୧୭)

ଈଶ୍ୱରଙ୍କ ବାକ୍ୟ ଅପରିବର୍ତ୍ତନୀୟ । ଅନ୍ୟମାନଙ୍କ ସହିତ ଶାନ୍ତିରେ ରହିବା ନିମନ୍ତେ ଆମ୍ଭେମାନେ କହିବା ଦ୍ୱାରା ମୌନ ରହିବା ବିଷୟରେ ମୌନ ରହିବା ଦ୍ୱାରା ଆମ୍ଭେମାନେ ଖ୍ରୀଷ୍ଟୀୟ ଜଗତରେ ଏକତା ଆଣିପାରିବା । ଆଲୋକ ଓ ଅନ୍ଧକାର ସତ୍ୟ ଓ ଅସତ୍ୟ ,କସ୍ଥାନରେ ବାସ କରିନପାରେ ।

ଆଧୁନିକ ଯୁଗର ପ୍ରଚାରିକା, ସ୍ତ୍ରୀ, ଅଧକ୍ଷ, ଯାନ୍ତ୍ରିକ, ବାଦ୍ୟ ସଂଗୀତ, ମତଶାଖା ମାନଙ୍କ ସହିତ ସହଭାଗିତା ଏପରି ଆନ୍ଦୋଳନ ଈଶ୍ୱରଙ୍କ ଧର୍ମଶାସ୍ତ୍ର ସମ୍ବନ୍ଧୀୟ ନୁହେଁ ।

ଯେଉଁମାନେ ଈଶ୍ୱରଙ୍କ ବାକ୍ୟ ତୁଚ୍ଛଜ୍ଞାନ କରି, ତାହା ପରିବର୍ତ୍ତନ କରିବାରେ ଲାଗି ରହିଥାନ୍ତି ସେମାନେ ଗୁରୁତର ଭାବେ ଦଣ୍ଡିତ ହେବେ । ଏତଦ୍ୱାରା ପିତା ପରମେଶ୍ୱର, ପୁତ୍ର ଯୀଶୁଖ୍ରୀଷ୍ଟ ଓ ପବିତ୍ର ଆତ୍ମାଙ୍କ ସହଭାଗିତାରୁ ବଞ୍ଚିତ ହେବା ସଙ୍ଗେ ସଙ୍ଗେ ଆମ୍ଭେମାନେ ଭ୍ରମ ଓ ଦୁଷ୍ଟତାରେ ଜୀବନଯାପନ କରିଥାଉଁ । ଯଦି ଆମ୍ଭେ ବାଇବଲର ବାକ୍ୟ ଈଶ୍ୱର ନିଃଶ୍ୱସିତ ବୋଲି ଦୃଢ଼ରୂପେ ବିଶ୍ୱାସ କରୁ, ତାହା ପରିବର୍ତ୍ତନ କରିବା କେତେ ଭୟଙ୍କର !

ଶାନ୍ତିରେ ବାସ କରିବା ପ୍ରତ୍ୟେକ ଖ୍ରୀଷ୍ଟିୟାନଙ୍କ ଲକ୍ଷ୍ୟ ହେଉ ଃ ପିତର କହନ୍ତି,"ସେ ମନ୍ଦରୁ ବିମୁଖ ହୋଇ ସତ୍କର୍ମ କରୁ । ସେ ଶାନ୍ତି ଅନ୍ୱେଷଣ କରି ସେଥିର ଅନୁଗାମୀ ହେଉ । (୧ମ ପିତର ୩:୧୧) କିନ୍ତୁ ଏହି ଶାନ୍ତି ପରମେଶ୍ୱରଙ୍କ ବାକ୍ୟରୁ ବିରୋଧ ନହେଉ । ଯେତେ ପର୍ଯ୍ୟନ୍ତ ସାଧ, ଅନ୍ୟମାନଙ୍କ ସହିତ ଶାନ୍ତିରେ ରହିବାକୁ ପାଉଲ ଆମ୍ଭମାନଙ୍କୁ ଉତ୍ସାହିତ କରନ୍ତି ଅନ୍ୟମାନଙ୍କ ସହିତ ଆମ୍ଭମାନଙ୍କ ଶାନ୍ତିର, ପ୍ରେମର ସମାଧାନର, ନମ୍ରତାର ବ୍ୟବହାର ଶାନ୍ତି ବାତାବରଣ ସୃଷ୍ଟି କରେ । ତୀମଥିଙ୍କୁ ତଥା ସୁସମାଚାର ଦ୍ୱାରା ଜାତ ପ୍ରତ୍ୟେକ ଖ୍ରୀଷ୍ଟିୟାନଙ୍କୁ ପାଉଲ ଲେଖନ୍ତି,"ପ୍ରଭୁଙ୍କ ଦାସ ବିରୋଧ କରିବା ଉଚିତ ନୁହେଁ, ମାତ୍ର ସମସ୍ତଙ୍କ ପ୍ରତି କୋମଳ, ଶିକ୍ଷାଦାନରେ ନିପୁଣ ଓ ସହିଷ୍ଣୁ ହେବା ଏବଂ ବିରୋଧୀମାନଙ୍କୁ ମୃଦୁଭାବରେ ଶାସନ କରିବା ଉଚିତ । ତାହାହେଲେ କେଜାଣି ଈଶ୍ୱର ସେମାନଙ୍କୁ ସତ୍ୟ ସମ୍ବନ୍ଧରେ ଜ୍ଞାନପ୍ରାପ୍ତ ହେବା ପାଇଁ

ମନ ପରିବର୍ତ୍ତନ ରୂପ ବ୍ର ଦେବେ ।'' (୨ ତୀମଥି ୨:୨୪-୨୫) ଅନ୍ୟମାନଙ୍କ ସହିତ ଶାନ୍ତିରେ ରହିବା ନିମନ୍ତେକ ଆମ୍ଭେମାନେ ଆମ୍ଭମାନଙ୍କ ଅନନ୍ତଜୀବନ ନ ହରାଉ ।

ଯୀଶୁ କହନ୍ତି,''ମୁଁ ଯେ ପୃଥିବୀରେ ଶାନ୍ତି ଦେବାକୁ ଆସିଅଛି, ଏହା ମନେ କର ନାହିଁ । ଶାନ୍ତି ଦେବାକୁ ନ ଆସି ବରଂ ଖଡ୍‌ଗ ଦେବାକୁ ଆସିଅଛି । କାରଣ ମୁଁ ପିତା ସହିତ ପୁତ୍ରର ଓ ମାତା ସହିତ କନ୍ୟାର, ପୁଣି ଶାଶୁ ସହିତ ବୋହୂର ବିରୋଧ ଘଟାଇବାକୁ ଆସିଅଛି । ଆଉ ମନୁଷ୍ୟର ନିଜ ପରିବର୍ତ୍ତନ ହିଁ ତାହାର ଶତ୍ରୁ ହେବେ ।'' (ମାଥିଉ ୧୦:୩୪-୩୬)

ଆମ୍ଭମାନଙ୍କ ଅନନ୍ତଜୀବନର ମୂଲ୍ୟ ଦେଇ ଅନ୍ୟମାନଙ୍କ ସହିତ ଶାନ୍ତିରେ ରହିବା ପରମେଶ୍ୱରଙ୍କ ଉଦ୍ଦେଶ୍ୟ ନୁହେଁ । ପିତା ପରମେଶ୍ୱର, ତାହାଙ୍କ ପୁତ୍ର ଯୀଶୁଖ୍ରୀଷ୍ଟ ଓ ପବିତ୍ର ଆତ୍ମାଙ୍କ ସହିତ ଶାନ୍ତିରେ ରହିପାରିଲେ ଆମ୍ଭେମାନେ ପ୍ରକୃତରେ ଶାନ୍ତିରେ ରହିପାରିବା ।

**- Ired Dillion**

# ସ୍ୱର୍ଗକୁ ଯିବା ପଥ
## (The way to Heaven)

ସ୍ୱର୍ଗକୁ ଯିବା ପଥ ବିଷୟରେ ବାଇବଲରେ ସୁନ୍ଦର ଭାବେ ବର୍ଣ୍ଣିତ କରାଯାଇଅଛି । ଆମ୍ଭମାନଙ୍କର ପରିତ୍ରାଣ ନିମନ୍ତେ ପ୍ରେମମୟ ପିତା ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଏହି ଜଗତରେ ପ୍ରେରଣ କରିଥିଲେ । ଈଶ୍ୱରଙ୍କ ଆଜ୍ଞା ସକଳ ପାଳନ କରି, ମରଣ ପର୍ଯ୍ୟନ୍ତ ବିଶ୍ୱସ୍ତ ରହିଲେ ଆମ୍ଭେମାନେ ଅନନ୍ତଜୀବନ ରୂପ ମୁକୁଟ ପାଇପାରିବା ।

ନୂତନ ନିୟମରେ ବର୍ଣ୍ଣିତ ଖ୍ରୀଷ୍ଟଧର୍ମ ରୂପକ ପଥ ସ୍ୱର୍ଗକୁ ଘେନିଯିବା ଏକମାତ୍ର ପଥ ଅଛି ବୋଲି ଯୋହନ ୧୪:୬ ପଦରେ ପଢ଼ିପାରୁ । ଏହି ଉତ୍କୃଷ୍ଟତମ ପଥ ବିଷୟରେ ପାଉଲ ଆମ୍ଭମାନଙ୍କୁ ୧ମ କରିନ୍ଥୀ ୧୨:୩୧ ପଦରେ ବର୍ଣ୍ଣିତ କରନ୍ତି । ଏବ୍ରୀ ପତ୍ରିକାର ଲେଖକଙ୍କ ଭାଷାରେ ଏହା ଏକ ନୂତନ ଓ ଜୀବନଦାୟକ ପଥ ଅଟେ । (ଏବ୍ରୀ ୧୦:୨୦) ଯଦିଓ ଏହି ଏକମାତ୍ର ପଥ ବିଷୟରେ ବାଇବଲ ସରଳଭାବେ ଆମ୍ଭମାନଙ୍କୁ ବୁଝାଇ ଦିଏ, ଅନେକେ ଅନେକ ପଥଗୁଡ଼ିକ ବିଷୟରେ ଶିକ୍ଷାଦିଅନ୍ତି । ଗାଲାତୀ ମଣ୍ଡଳୀକୁ ପାଉଲ ସତର୍କ କରି କହନ୍ତି,''ଖ୍ରୀଷ୍ଟଙ୍କ ଅନୁଗ୍ରହରେ ଯେ ଆହ୍ୱାନ କଲେ, ତାହାଙ୍କ ଠାରୁ ତୁମ୍ଭେମାନେ ଯେ ଏଡ଼େ ଶୀଘ୍ର ବିମୁଖ ହୋଇ ଅନ୍ୟ ସୁସମାଚାର ପ୍ରତି ଅନୁରକ୍ତ ହେଉଅଛ, ଏଥିରେ ମୁଁ ଚମତ୍କୃତ ହେଉଅଛି, ତାହା ଅନ୍ୟ

ସୁସମାଚାର ସୁଦ୍ଧା ନୁହେଁ, କେବଳ କେତେକ ତୁମ୍ଭମାନଙ୍କୁ ଅସ୍ଥିର କରୁଅଛନ୍ତି ଓ ଖ୍ରୀଷ୍ଟଙ୍କ ସୁସମାଚାରକୁ ବିକୃତ କରିବାକୁ ଇଚ୍ଛା କରୁଅଛନ୍ତି ।'' (ଗାଲାତୀ ୧:୬-୭)

ସଦାପ୍ରଭୁ ଆମ୍ଭମାନଙ୍କୁ ଏକ ସିଦ୍ଧ ବ୍ୟବସ୍ଥା (ଯାକୁବ ୧:୨୫) ଦେଇଥିବାରୁ. ଆମ୍ଭେମାନେ ସଦା କୃତଜ୍ଞ ହୋଇରହୁ । ଯାହାଦ୍ୱାରା ଆମ୍ଭେମାନେ ସ୍ୱର୍ଗକୁ ଯିବା ବା ପୁସ୍ତକ ବ୍ୟତୀତ ଆମ୍ଭମାନଙ୍କୁ ଆଉ କୌଣସି ପୁସ୍ତକ ସତ୍ୟପଥରେ କଢ଼ାଇ ନେଇପାରେ ନାହିଁ । ''ସମସ୍ତ ଶାସ୍ତ୍ର ଇଶ୍ୱର ନିଃଶ୍ୱସିତ ଏବଂ ଶିକ୍ଷା, ଅନୁଯୋଗ, ସଂଶୋଧନ ଓ ଧାର୍ମିକତା ସମ୍ବନ୍ଧୀୟ ଶାସନ ନିମନ୍ତେ ଉପକାରୀ । ଯେପରି ଇଶ୍ୱରଙ୍କ ଲୋକ ସିଦ୍ଧ ହୋଇ ସମସ୍ତ ଉତ୍ତମ କାର୍ଯ୍ୟ ନିମନ୍ତେ ସୁସଜ୍ଜିତ ହୁଏ ।'' (୨ ତୀମଥି ୩:୧୬-୧୭)

ସ୍ୱର୍ଗକୁ ଯିବା ଐଶ୍ୱରିକ ପଥ, ପରମେଶ୍ୱରଙ୍କ ଦ୍ୱାରା ଯୋଜିତ ଏବଂ ତାହାଙ୍କ ପୁତ୍ର ଆମ୍ଭମାନଙ୍କ ପଥ ଦର୍ଶକ । ସ୍ୱର୍ଗକୁ ଯିବାର ପଥର କୋଟୋଟି ସ୍ୱରୂପତ୍ୱ ଚିହ୍ନ :

## ପବିତ୍ରତାର ପଥ :

ସ୍ୱର୍ଗକୁ ଘେନି ଯିବା ପଥ ପବିତ୍ରତାର ପଥ । ''ପୁଣି, ସେଠାରେ ଏକ ରାଜଦାଣ୍ଡ ଓ ପଥ ହେବ, ତାହା ପବିତ୍ରତାର ପଥ ବୋଲି ବିଖ୍ୟାତ ହେବ, ତାହା କେବଳ ସେମାନଙ୍କ ନିମନ୍ତେ ହେବ, ମାତ୍ର କୌଣସି ଅଶୁଚି ଲୋକ ତହିଁ ଉପରେ ଗମନ କରିବ ନାହିଁ, ପଥିକମାନେ ଓ ଅଜ୍ଞାନମାନେ ହିଁ ତହିଁରେ ଭ୍ରାନ୍ତ ହେବେ ନାହିଁ । (ଯିଶାଇୟ ୩୫:୮) ''ଅଶୁଚି ଲୋକ ତହିଁ ଉପରେ ଗମନ କରିବେ ନାହିଁ'' ଅର୍ଥାତ୍ ଯେଉଁମାନେ ଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା ଧୌତ ନହୋଇ ଶୁଚି ହୋଇ ନାହାନ୍ତି ସେମାନେ ସେହି ପଥରେ ଗମନ କରିପାରିବେ ନାହିଁ । (ଏଫିସୀ ୧:୭) ଅଧାର୍ମିକ ଓ ଅଶୁଚି ଲୋକେ ଏହି ପଥରେ ଯାତ୍ରା କରିପାରିବେ ନାହିଁ । ଯେଉଁମାନେ ଇଶ୍ୱରଙ୍କ ଆଜ୍ଞା ପାଳନ କରି ଖ୍ରୀଷ୍ଟଙ୍କ ଠାରେ ଅଛନ୍ତି, ସେମାନଙ୍କ ନିମନ୍ତେ ଏହି ପଥ ପ୍ରସ୍ତୁତ କରାଯାଇଅଛି । ଏହି ସରଳ ପଥ ବିଷୟରେ ମୂର୍ଖମାନେ ସୁଦ୍ଧା ଭ୍ରାନ୍ତ ହୋଇ ନପାରନ୍ତି ।

## ସିଧା ଓ ସଂକୀର୍ଣ୍ଣ :

ସ୍ୱର୍ଗକୁ ଘେନିଯିବା ଦ୍ୱାର ସିଧା ଓ ସଂକୀର୍ଣ୍ଣ । ''ସଂକୀର୍ଣ୍ଣ ଦ୍ୱାର ଦେଇ ପବେଶ କର, କାରଣ ସର୍ବନାଶକୁ ଘେନିଯିବା ଦ୍ୱାର ଓସାର ଓ ପଥ ପ୍ରଶସ୍ତ, ପୁଣି ତାହା ଦେଇ ପ୍ରବେଶ କରିବା ଲୋକେ ଅନେକ । ଆଉ, ଜୀବନକୁ ଘେନିଯିବା ଦ୍ୱାର ସଂକୀର୍ଣ୍ଣ ଓ ପଥ ଦୁର୍ଗମ, ତାହାର ସନ୍ଧାନ ପାଇବା ଲୋକେ ଧନ୍ୟ ।'' (ମାଥିଉ ୭:୧୩-୧୪)

ଓସାର ଦ୍ୱାର ଓ ପ୍ରଶସ୍ତ ପଥ ଆମ୍ଭମାନଙ୍କୁ ସର୍ବନାଶକୁ ଘେନିଯାଏ । ଯେଉଁମାନେ ପାପରେ ମୃତ ଓ ଖ୍ରୀଷ୍ଟଙ୍କ ରକ୍ତରେ ଧୌତ ହୋଇ ନାହାନ୍ତି ସେମାନେ ଏହି ପଥର ପଥିକ । ଯୀଶୁଙ୍କ ବ୍ୟକ୍ତ ଅନ୍ୟ ମାର୍ଗ ସିଧା ଓ ସଂକୀର୍ଣ୍ଣ, ତାହା ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଆମ୍ଭମାନଙ୍କୁ ଜୀବନକୁ ଘେନିଯାଏ । ଯୀଶୁ କହିଲେ, "......ମୁଁ ପଥ, ସତ୍ୟ ଓ ଜୀବନ । ମୋ' ଦେଇ ନଗଲେ କେହି ପିତାଙ୍କ ନିକଟକୁ ଯାଏ ନାହିଁ ।" (ଯୋହନ ୧୪:୬) ଯୀଶୁଖ୍ରୀଷ୍ଟଙ୍କ ଆଜ୍ଞା ପାଳନ କରିବା ଦ୍ୱାରା ଆମ୍ଭେମାନେ ସଦାପ୍ରଭୁଙ୍କ ନିକଟକୁ ତଥା ସ୍ୱର୍ଗକୁ ଯିବାର ପଥରେ ଗମନ କରିପାରୁ । ଅଳ୍ପ ଲୋକେ ଏହି ପଥର ସନ୍ଧାନ ପାଇପାରିବେ । "ମୋତେ ପ୍ରଭୁ, ପ୍ରଭୁ ବୋଲି ଡାକନ୍ତି, ଏପରି ପ୍ରତ୍ୟେକେ ସ୍ୱର୍ଗରାଜ୍ୟରେ ପ୍ରବେଶ କରିବେ ନାହିଁ, ମାତ୍ର ଯେ ମୋହର ସ୍ୱର୍ଗସ୍ଥ ପିତାଙ୍କ ଇଚ୍ଛା ସାଧନ କରେ, ସେ ପ୍ରବେଶ କରିବ ।" (ମାଥିଉ ୭:୨୧) । ଯେଉଁମାନେ ପରମେଶ୍ୱରଙ୍କ ପରିତ୍ରାଣର ଯୋଜନାର ଆଜ୍ଞାବହ ହୋଇଅଛନ୍ତି, କେବଳ ସେମାନେ ସ୍ୱର୍ଗରେ ବାସ କରିପାରିବେ ।

## ପଥର ଦ୍ୱାର :

ବାଇବଲର ଅନେକ ଆଜ୍ଞାଗୁଡ଼ିକ ଦ୍ୱାରା ସ୍ୱର୍ଗର ଦ୍ୱାର ଗଠିତ । ପ୍ରଥମେ, ମନୁଷ୍ୟକୁ ପରମେଶ୍ୱରଙ୍କ ବାକ୍ୟ ଶୁଣିବା ଆବଶ୍ୟକ । "ବିଶ୍ୱାସ ଶ୍ରବଣରୁ ଜାତ ହୁଏ ଓ ଶ୍ରବଣ ଖ୍ରୀଷ୍ଟଙ୍କ ବାକ୍ୟ ଦ୍ୱାରା ହୁଏ ।" (ରୋମୀୟ ୧୦:୧୭) ଈଶ୍ୱରଙ୍କ ବାକ୍ୟ ଶ୍ରବଣ ଦ୍ୱାରା ଆମ୍ଭେମାନେ ଈଶ୍ୱରଙ୍କ ଠାରେ ଓ ତାହାଙ୍କ ପୁତ୍ର ଯୀଶୁଖ୍ରୀଷ୍ଟଙ୍କ ଠାରେ କାର୍ଯ୍ୟସାଧକ ବିଶ୍ୱାସ ପ୍ରାପ୍ତ ହୋଇଥାଉ । (ଏବ୍ରୀ ୧୧:୬, ଯାକୁବ ୨:୨୬) ବିଶ୍ୱାସ ଆମ୍ଭମାନଙ୍କୁ ମନ ପରିବର୍ତ୍ତନର ନିକଟ ଘେନିଯାଏ । (ପ୍ରେରିତ ୨:୩୮, ୧୭:୩୦) ମନ ପରିବର୍ତ୍ତନ ଦ୍ୱାରା ଆମ୍ଭେମାନେ ଏକ ଉତ୍କୃଷ୍ଟତର ଜୀବନକୁ ପରିବର୍ତ୍ତିତ ହୋଇଥାଉ । ତପ୍ତରେ ଆମ୍ଭେମାନେ ଯୀଶୁଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ରରୂପେ ସ୍ୱୀକାର କରିବା ଆବଶ୍ୟକ । (ରୋମ ୧୦:୧୦, ପ୍ରେରିତ ୮:୩୭) ତଦ୍ ପରବର୍ତ୍ତୀ ପାହାଚ ବାପ୍ତିସ୍ମ ଦ୍ୱାରା ଆମ୍ଭେମାନେ ଖ୍ରୀଷ୍ଟଙ୍କ ଠାରେ ବାପ୍ତିସ୍ମ ନେଇ ଖ୍ରୀଷ୍ଟିୟାନ ହୋଇଥାଉ । (ପ୍ରେରିତ ୨୨:୧୬, ଯୋହନ ୩:୫, ୧ମ ପିତର ୩:୨୧) ବାପ୍ତିସ୍ମ, ଆମ୍ଭମାନଙ୍କୁ ଖ୍ରୀଷ୍ଟଙ୍କ ଶରୀରର ରୂପ ମଣ୍ଡଳୀରେ ସଂଯୁକ୍ତ କରେ । (କଲସୀ ୧:୧୮, ଏଫିସୀ ୧:୨୨,୨୩) ଏହି କର୍ମ ଦ୍ୱାରା ଆମ୍ଭେମାନେ ନୂତନ ନିୟମ ମଣ୍ଡଳୀରେ ସଭ୍ୟ ହୋଇଥାଉ । (ପ୍ରେରିତ ୨:୪୭) ଯେଉଁମାନେ ନୂତନ ନିୟମରେ ପ୍ରକଟିତ ପରମେଶ୍ୱରଙ୍କ ଏହିସବୁ ଆଜ୍ଞା ପାଳନ କରନ୍ତି, ପରମେଶ୍ୱର ସେମାନଙ୍କୁ ଆପଣା ମଣ୍ଡଳୀର ସଂଯୁକ୍ତ କରନ୍ତି ।

ଆମ୍ଭେମାନେ ଦ୍ୱାରରେ ପ୍ରବେଶ କଲେ ହେଁ, ନିର୍ଦ୍ଦେଶିତ ପଥ ଅନୁସରଣ ନକଲେ ପଥହରା ହେବାର ସମ୍ଭାବନା ଅଛି । ଥରେ ପାପରୁ ମୁକ୍ତ ହେବା ପରେ ମନୁଷ୍ୟ ସର୍ବଦା ପାପରୁ

ମୁକ୍ତ ବୋଲି ବାଇବଲ ଶିକ୍ଷା ଦିଏ ନାହିଁ । ପଥହରା ହେବାର ସମ୍ଭାବନା ଅଛି ବୋଲି ପୁରାତନ ନିୟମରେ, ତଥା ନୂତନ ନିୟମରେ ଅନେକ ସର୍ତକବାଣୀ ଲିଖିତ ହୋଇଅଛି । ଏବ୍ରୀ ୩:୧୨, ୬:୪-୬, ୧ମ କରିନ୍ଥୀ ୧୦:୧୨, ୯:୨୭, ୧ମ ତୀମଥି ୫:୮, ଗାଲାତୀ ୫:୧୯-୨୧ ସେ ମଧ୍ୟରେ ଅନ୍ୟତମ ।

ଈଶ୍ୱରଙ୍କ ବାକ୍ୟ ଧ୍ୟାନ କରିବା ଦ୍ୱାରା ଆମ୍ଭେମାନେ ସ୍ୱର୍ଗର ପଥରୁ ବିଚ୍ୟୁତ ହେବାର ସମ୍ଭାବନା ନାହିଁ । (ପ୍ରେରିତ ୨:୪୨) ଯୁବକ ତୀମଥିଙ୍କୁ ପାଉଲ କହନ୍ତି, ''ସତ୍ୟ ବାକ୍ୟ ଯଥାର୍ଥରୂପେ ବ୍ୟବହାର କରି, ଯେଉଁ କାର୍ଯ୍ୟକାରୀର ଲଜ୍ଜାବୋଧ କରିବା ଆବଶ୍ୟକ ନୁହେଁ, ତାହାର ପରି ଈଶ୍ୱରଙ୍କ ନିକଟରେ ଆପଣାକୁ ପରୀକ୍ଷାସିଦ୍ଧ ଦେଖାଇବାକୁ ଯତ୍ନ କର ।'' (୨ୟ ତୀମଥି ୨:୧୫) ବାକ୍ୟଧ୍ୟାନ ଆମ୍ଭମାନଙ୍କୁ ଶକ୍ତି ଦିଏ ଏବଂ ଆମ୍ଭମାନଙ୍କ କାର୍ଯ୍ୟକଳାପ ବିଷୟରେ ସତର୍କ କରାଏ । ସ୍ୱର୍ଗର ପଥିକ ନିରନ୍ତର ପ୍ରାର୍ଥନା କରେ । (୧ମ ଥେସ ୫:୧୭) ସପ୍ତାହରେ ପ୍ରଥମ ଦିବସରେ ପ୍ରଭୁଭୋଜରେ ଭାଗୀ ହେବା ଦ୍ୱାରା ପଥଚ୍ୟୁତ ନହେବାରେ ସାହାଯ୍ୟ କରେ । (୧ମ କରିନ୍ଥୀ ୧୧:୨୩-୨୯, ପ୍ରେରିତ ୨:୪୨) ଆମ୍ଭେମାନେ ଯୀଶୁଖ୍ରୀଷ୍ଟଙ୍କ ଆଜ୍ଞା ସକଳ ପାଳନ କରି ମରଣ ପର୍ଯ୍ୟନ୍ତ ବିଶ୍ୱସ୍ତ ରହିଲେ, ଜୀବନରୂପ ମୁକୁଟ ପ୍ରାପ୍ତ ହୋଇପାରିବା ।

ଆପଣ କେଉଁ ପଥରେ ଯାତ୍ରା କରୁଅଛନ୍ତି ? ଆପଣ ପରମେଶ୍ୱରଙ୍କ କିଅବା ମନୁଷ୍ୟମାନଙ୍କ ଆଜ୍ଞା ପାଳନ କରୁଅଛନ୍ତି ? ଆପଣଙ୍କ ଆତ୍ମାର ନିତ୍ୟ ନିବାସ ସ୍ଥଳ ଆପଣଙ୍କ ନିର୍ଣ୍ଣୟ ଉପରେ ନିର୍ଭର କରେ । ''ଜୀବନବୃକ୍ଷରେ ଅଧିକାରୀ ହେବା ନିମନ୍ତେ ଓ ଦ୍ୱାର ଦେଇ ନଗରୀରେ ପ୍ରବେଶ କରିବା ନିମନ୍ତେ ଯେଉଁମାନେ ଆପଣା ଆପଣା ବସ୍ତ୍ର ଧୌତ କରିଅଛନ୍ତି ସେମାନେ ଧନ୍ୟ ।'' (ପ୍ରକାଶିତ ୨୨:୧୨୧) ସ୍ୱର୍ଗକୁ ଘେନିଯିବା ନିମନ୍ତେ ଯୀଶୁଖ୍ରୀଷ୍ଟ ଏକମାତ୍ର ପଥ ଅଟନ୍ତି । ଏହା ହିଁ ସୁସମାଚାରର ନିଗୂଢ଼ ସତ୍ୟ ।

**- Steve Miller**

---

**Edited & Published by : Kabita & Joshua Gootam**

# *WORKERS TOGETHER WITH GOD*

## *2 Corinthians 6:1*

INTRODUCTION:

1. This is a lesson for Christians.
2. It is a lesson that we need to learn.
3. As we understand it, we will do a better job, and others will want to have a part.

DISCUSSION:

**I. *There is Nothing Wrong with work, Provided it is the Right Kind.***

1. The Bible speaks of the works of the flesh, but it also speaks of the Spirit. (Galatians 5:19-21).
2. There are the works of Satan but there are the works of God too.
3. God never gives something for nothing.
4. He requires that we work. (Ephesians 2:8, 9).

**II. *To work out our Salavation. (Philippians 2:12).***

1. Must hear and obey God. (Matthew 17:5; Hebrews 5:8, 9).
2. To be faithful to the Lord. ( James 1:25).
3. To add the Christian graces. (2 Peter 1:5-11).

**III. *The Lord's work is the Greatest work in the World.***

1. It deals with the eternal-souls. (Matthew 16:26).
2. It promotes a better way of life.
3. It prepares men for something better.

**IV. *We are Workers Together with God. (2 Corinthians 6:1).***

1. Not my work or your work, but God's work.

2. A beautiful relationship-we are working together with God.
3. There is unity in the work.
   a. Harmony. (1 Corinthians 1:10).
   b. Love. (Hebrews 13:1).
   c. Fruit. ( John 15:2).
4. When we do our part God will give the increase (Matthew 28:19. 20).

## CONCLUSION:

1. Are you working with God or against him ? (Acts 9).
2. No man can serve two masters. (Matthew 6:24).

*J. C. Choate*

From:
SATYA VANI
P.O. BOX 80,
KAKINADA - 533 001

Printed Book Only

To

(For Private Circulation Only)